**ସଂକ୍ଷେପରେ**

## ବଡଯାତ୍ରା ନେଇ ଚୂଡ଼ାନ୍ତ ହେଲା ତାରିଖ

**ମାଲକାନଗିରି, ୨୧୧(ଡି.ଏନ୍.ଏ.):** ଚଳିତବର୍ଷ ବଡଯାତ୍ରା ପାଇଁ ତାରିଖ ଧାର୍ଯ୍ୟ ହୋଇଛି। ଆସନ୍ତା ଫେବୃୟାରୀ ୧୯ରେ ମାଲକାନଗିରି ଜିଲାରେ ଏହି ଯାତ୍ରା ହେବ ବୋଲି ପ୍ରସ୍ତୁତି ବୈଠକରେ ନିଷ୍ପତ୍ତି ନିଆଯାଇଛି। ବଡଯାତ୍ରା ଲାଗି ସମସ୍ତ ପ୍ରକାର ପୂଜା ପାଠ, ଠାକୁରାଣୀଙ୍କ ଯାତ୍ରା, ତିନି ଠାକୁରଙ୍କ ନିର୍ମାଣ ସହ ପ୍ରତିଷ୍ଠା, ମାନ୍ୟମକୋଣ୍ଡା ମୁତ୍ୟାଲୁମ୍ମାଙ୍କ ମନ୍ଦିରରେ ହେବାକୁ ଥିବା ପୂଜାର୍ଚ୍ଚନା ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିଲା। ଫେବୃଆରୀ ୧୯ରେ ପୂଜାରୀମାନେ ଏଠାରୁ ଯାତ୍ରା ଆରମ୍ଭ କରିବେ। ୨୫ରେ ବାରସା ଛପର, ୨୬ରେ ତେଲପେଡା, ୨୭ରେ ସାଡବାନପାଲିରେ ବାଉଁଶମରା, ୨୮ରେ ଡଙ୍ଗାମରା, ମାର୍ଚ୍ଚ ୧ରେ ଜାଲ ଚିରା, ୨ରେ କାନାମରାଜୁଙ୍କ ପ୍ରତିମା ନିର୍ମାଣ, ୩ରେ ପୋତରାଜୁ, ୪ରେ ବାଲରାଜୁଙ୍କ ପ୍ରତିମା ନିର୍ମାଣ କରିବେ। ଏଥିସହ ବିଭିନ୍ନ ଦିବସରେ ଅନ୍ୟାନ୍ୟ କାର୍ଯ୍ୟକ୍ରମ ରହିଛି। ମାର୍ଚ୍ଚ ୨୦ରେ ନିମନ୍ତ୍ରିତ ଦେବାଦେବୀଙ୍କୁ ବିଦାୟ ଦେବାର କାର୍ଯ୍ୟକ୍ରମ ରହିଛି। ବିଧାୟକ ମାନସ ମାଡକାମି, ଭାରପ୍ରାପ୍ତ ତହସିଲଦାର ଡ. ଗୁଣନିଧି ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ବନ ବିଭାଗର ପକ୍ଷୀ ଗଣନା ଆଜି

ମାଲକାନଗିରି,୨୧୧ (ଡି.ଏନ୍.ଏ.)

**ମାଲକାନଗିରି ଜିଲା**

- ୫ ଜଳଭଣ୍ଡାରରେ ସକାଳ ୬ରୁ ଆରମ୍ଭ
- ପକ୍ଷୀଙ୍କ ଯେପରି କୌଣସି କ୍ଷତି ନ ହୁଏ ସେଥିପ୍ରତି ଗୁରୁତ୍ୱ
- ଗଣନା ସମୟର ଫଟୋ, ଅବସ୍ଥିତି ସମ୍ପର୍କରେ ହେବ ଜିପିଏସ୍ ରିଡିଂ



ବୈଠକରେ ବିଭିନ୍ନ ରେଞ୍ଜର ଅଧିକାରୀମାନେ ଉପସ୍ଥିତ ଅଛନ୍ତି।

ଗୁରୁବାର ମାଲକାନଗିରି ଜିଲାରେ ବନ ବିଭାଗ ପକ୍ଷରୁ ବିଭିନ୍ନ ଜଳଭଣ୍ଡାରରେ ପକ୍ଷୀ ଗଣନା କାର୍ଯ୍ୟକ୍ରମ ଆରମ୍ଭ ହେବ । ଏହି କାର୍ଯ୍ୟ କିପରି ଠିକ୍ ଏବଂ ଧାର୍ଯ୍ୟ ସମୟସୀମା ମଧ୍ୟରେ ସରିବ ସେନେଇ ଅନୁଷ୍ଠିତ ସମୀକ୍ଷା ବୈଠକରେ ଗୁରୁତ୍ୱାରୋପ କରାଯାଇଛି। ଜିଲା ସଦର ମହକୁମା ଖଣ୍ଡୀୟ ବନାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ସହକାରୀ ବନ ସଂରକ୍ଷକ ଶ୍ରୀକାନ୍ତ ନାୟକଙ୍କ ଅଧ୍ୟକ୍ଷତାରେ ଏହି ବୈଠକ ହୋଇଥିଲା। ମାଲକାନଗିରିର ସତୀଗୁଡା ଜଳଭଣ୍ଡାର, ମାଥିଲିର ଶିବସାଗର, ମୋଟୁର ସାବେରୀ ନଦୀ, କାଳିମେଳାରେ ଫିଶେରୀ ଟ୍ୟାଙ୍କ, ଚିତ୍ରକୋଣ୍ଡାର ବାଲିମେଳା ଜଳଭଣ୍ଡାର ଅଞ୍ଚଳରେ ଶୀତ ଋତୁରେ ଆସିଥିବା ପକ୍ଷୀ ଗଣନା କରାଯିବ। ସକାଳ ୬ଟାରୁ ଗଣନା କାର୍ଯ୍ୟ ଆରମ୍ଭ ହୋଇ ପୂର୍ବାହ୍ନ ୧୧ଟାରେ ଶେଷ ହେବ। ସେମାନଙ୍କ ବାସସ୍ଥଳୀ ଏବଂ ସୁରକ୍ଷା ସମ୍ପର୍କରେ ତଥ୍ୟ ସଂଗ୍ରହ କରାଯିବ । ଏଥିପାଇଁ ପ୍ରତ୍ୟେକ ଗଣନାକାରୀ ଦଳ ସେହି ଅଞ୍ଚଳର ମାନଚିତ୍ର, ବାଇନାକୁଲାର, ତଥ୍ୟ ସମ୍ବଳିତ ଲିପିବଦ୍ଧ ପୁସ୍ତକ ସହ ଅନ୍ୟାନ୍ୟ ସରଞ୍ଜାମ ନେଇ ଜଳଭଣ୍ଡାରରେ ପକ୍ଷୀ ଗଣନା କରିବେ । ଗଣନା ସମୟରେ ଯେପରି ବୋଟ୍ କିମ୍ବା ଡଙ୍ଗା ପ୍ରଭାବରେ ପକ୍ଷୀଙ୍କର କୌଣସି କ୍ଷତି ନ ହୁଏ ସେଥିପ୍ରତି ସତର୍କ ଦୃଷ୍ଟି ରଖିବେ। ଆବଶ୍ୟକ ସ୍ଥଳେ ପକ୍ଷୀମାନଙ୍କୁ ଚିହ୍ନଟ ଓ ଅନ୍ୟାନ୍ୟ ଗତିବିଧି ଜାଣିବା ପାଇଁ ସମ୍ପୃକ୍ତ ଅଞ୍ଚଳର ବନ ସଂରକ୍ଷଣ ସମିତି କର୍ମକର୍ତ୍ତାଙ୍କ ସହଯୋଗ ନିଆଯିବ । ଗଣନା ସମୟର ଫଟୋଚିତ୍ର ଉତ୍ତୋଳନ ସହ ସେହି ସ୍ଥାନର ଅବସ୍ଥିତି ସମ୍ପର୍କରେ ଜିପିଏସ୍ ରିଡିଂ ନିଆଯିବ । ସମୀକ୍ଷା ବୈଠକରେ ଅନ୍ୟତମ ସହକାରୀ ବନ ସଂରକ୍ଷକ ଜଗଦୀଶ ଚନ୍ଦ୍ର ପଟ୍ଟନାୟକ, ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଦୁର୍ଯ୍ୟୋଧନ ପାତ୍ରଙ୍କ ସହ ମାଲକାନଗିରି, କାଳିମେଳା, ମୋଟୁ, ଚିତ୍ରକୋଣ୍ଡା, ବାଲିମେଳା, ମାଥିଲି, ରେଞ୍ଜ ବନାଞ୍ଚଳ ଅଧିକାରୀ, ବନପାଳ ଏବଂ ବନରକ୍ଷୀମାନେ ଉପସ୍ଥିତ ଥିଲେ ।
ସୂଚନାଯୋଗ୍ୟ ଯେ, ମାଲକାନଗିରି ଅଞ୍ଚଳର ବିଭିନ୍ନ ନଦୀ, ଜଳାଶୟଗୁଡିକରେ ଶୀତଦିନେ ଖପରଖାଇ ବଡପାଣିକୁଆ, ପାଣିକୁଆ, ଛୋଟ ପାଣିକୁଆ, କଳାକାଙ୍କ, ବୁଦୁ ହଂସ, ବତକ ହଂସ, ନାକେଇ ହଂସ, ଖଡି ହଂସ, ତୁଳସା ହଂସ, ଚକୁଆ, ହଂସରାଳୀ, ଏରା ପକ୍ଷୀ, ଛୋଟ ଏରା ପକ୍ଷୀ, ଡୁବୁକି, ରାଜ ଡୁବୁକି, ପାଣି ଡୁବୁକି, ମାଟିଆ ଡୁବୁକି, ରାଣୀବଗ, ତରକା ବଗ, ବଡ ବଗ, ଖଇରା ବଗ, ପାଣି ବଟା, ବାଜୁଣୀ ପକ୍ଷୀ, କାଚ ବାଜୁଣୀ, ଦବରା ହଣା, ସାରସ, କଳା ସାରସ, ବଡ ହାଡଗିଳା, ଚିତ୍ରିତ କାଙ୍କ, କାଦୁଅ ଖୁମ୍ପି, ଟିଟିଆଁ ପକ୍ଷୀ ଦେଖିବାକୁ ମିଳନ୍ତି।



ଲୋକମାନେ ନିଆଁ ପୁଉଁଛନ୍ତି।

## ଶୀତରେ କମ୍ପୁଛି ମାଲକାନଗିରି

ମାଲକାନଗିରି,୨୧୧ (ଡି.ଏନ୍.ଏ.)

ଗତ କିଛିଦିନ ହେଲା ମାଲକାନଗିରି ଜିଲା ଘନ କୁହୁଡି ଓ ପ୍ରବଳ ଥଣ୍ଡାରେ କମ୍ପୁଛି । ଶୀତ ଲହରି ଯୋଗୁ ଜନଜୀବନ ଅତିଷ୍ଠ ହୋଇପଡିଛି। ଭୀଷଣ ଥଣ୍ଡା ସହ ପୂର୍ବାହ୍ନ ସାଢେ ୧୦ଟା ପର୍ଯ୍ୟନ୍ତ ଘନକୁହୁଡିର ପ୍ରଭାବ ଦେଖିବାକୁ ମିଳୁଛି। କୁହୁଡି ଯୋଗୁ ରାସ୍ତାଘାଟ ସବୁ ଝାପସା ଦେଖାଯାଉଛି। କୁହୁଡି ହେତୁ ରାସ୍ତାଘାଟ ଶୂନଶାନ ରହୁଥିବା ବେଳେ ଦୋକାନ ବଜାର ପୂର୍ବାହ୍ନ ୧୧ଟା ପରେ ଖୋଲୁଛି। ମାଲକାନଗିରି ସହର ତଳସାହିର ଗୋପୀନାଥ କୋଡେ, ତ୍ରିନାଥ ମାଝି କହନ୍ତି, ଜିଲାରେ ସେମାନଙ୍କ ହେତୁହେବା ଦିନଠାରୁ ଏଭଳି କୁହୁଡି କେବେ ହୋଇ ନ ଥିଲା। ପ୍ରବଳ ଶୀତ ମଧ୍ୟ ଅନୁଭୂତ ହେଉଛି। ଅପରାହ୍ନ ୪ଟାରୁ ସକାଳ ୯ଟା ପର୍ଯ୍ୟନ୍ତ ଶୀତ ଲାଗି ରହୁଛି। ଗରିବ ଲୋକଙ୍କୁ ବାହାରକୁ ବାହାରିବା କଷ୍ଟକର ହୋଇପଡୁଛି। ବିଶେଷ କରି ଚିତ୍ରକୋଣ୍ଡା, ବଣ୍ଡାଘାଟି, ତୁଳସୀପାହାଡ ଅଞ୍ଚଳରେ ଘନ କୁହୁଡି ସାଙ୍ଗକୁ ପ୍ରବଳ ଥଣ୍ଡା ଯୋଗୁ ଲୋକେ ଅଧିକାଂଶ ସମୟ ନିଆଁ ଜାଳି ବସୁଛନ୍ତି। ଚଳିତବର୍ଷ ହାଡଭଙ୍ଗା ଶୀତ ଆରମ୍ଭ ହୋଇଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ ଗରିବ ଲୋକଙ୍କୁ ଏଯାଏ କମ୍ବଳ ବଣ୍ଟନ ହୋଇନାହିଁ। ଏ ସମ୍ପର୍କରେ ଜିଲା ମଙ୍ଗଳ ଅଧିକାରୀ ପ୍ରଦୀପ କୁମାର ପଣ୍ଡାଙ୍କୁ ପଚାରିବାରୁ ସେ କହିଲେ ଯେ, ବିଭାଗ ପକ୍ଷରୁ ଜିଲାରେ ଛାତ୍ରୀନିବାସ ଓ ଛାତ୍ରାବାସରେ ଛାତ୍ରୀଛାତ୍ରଙ୍କୁ କମ୍ବଳ ବଣ୍ଟା ଆରମ୍ଭ ହୋଇଛି।

## ବାଇକ୍ ଦୁର୍ଘଟଣାରେ ଜଣେ ମୃତ

କାଳିମେଳା,୨୧୧(ଡି.ଏନ.ଏ.)

ମାଲକାନଗିରି ଜିଲା କାଳିମେଳା ଥାନା ଅନ୍ତର୍ଗତ ମାଲକାନଗିରି-ମୋଟୁ ଜାତୀୟ ରାଜପଥର ପୋତାଖାଲ ନିକଟରେ ମଙ୍ଗଳବାର ସନ୍ଧ୍ୟାରେ ଏକ ବାଇକ୍ ଦୁର୍ଘଟଣା ଘଟି ରାସ୍ତା କଡରେ ଛିଡା ହୋଇଥିବା ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ବାଇକ ଚାଳକ ଗୁରୁତର ଆହତ ହୋଇ ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ମୃତକ ହେଉଛନ୍ତି ଗମ୍ପାକୋଣ୍ଡା ପଞ୍ଚାୟତର ପୋତାଖାଲ କଲୋନୀ ଗ୍ରାମର ତ୍ରିନାଥ ପାଖନାଙ୍କ ପୁଅ ରାମଚନ୍ଦ୍ର ପାଖନା(୩୪)। ଖବରରୁ ଜଣାପଡିଛି ରାମଚନ୍ଦ୍ର ପୋତାଖାଲ ଗ୍ରାମ ନିକଟ ଦେଇ ଯାଇଥିବା ରାସ୍ତା କଡରେ ଛିଡା ହୋଇଥିବା ବେଳେ କାଳିମେଳାରୁ ମାଲକାନଗିରି ଆଡକୁ ଯାଉଥିବା ପୁଷ୍ପଗୁଡା ପଞ୍ଚାୟତର ଏମଭି-୫୫ ଗ୍ରାମର ଦୀପକ ମଣ୍ଡଳ ରାସ୍ତା କଡରେ ଛିଡା ହୋଇଥିବା ଏକ ପିକନିକ ବସ୍‌କୁ ପ୍ରଥମେ ଧକ୍କାଦେଇ ପରେ ଛିଡା ହୋଇଥିବା ରାମଚନ୍ଦ୍ରଙ୍କୁ ଧକ୍କା ଦେଇଥିଲେ। ଫଳରେ ରାମଚନ୍ଦ୍ର ତଳେ ଛିଟିକି ପଡିଥିଲେ। ଦୀପକ ମଧ୍ୟ ତଳେ ପଡିଯାଇଥିଲେ। ପରିବାର ଏବଂ ସ୍ଥାନୀୟ ଲୋକେ ଜାଣିବା ପରେ ଉଭୟଙ୍କୁ ଚିକିତ୍ସା ପାଇଁ କାଳିମେଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ରାମଚନ୍ଦ୍ରଙ୍କ ମୃତ୍ୟୁ ହୋଇଥିଲା। ଆହତ ଦୀପକଙ୍କୁ ମାଲକାନଗିରି ସ୍ଥାନାନ୍ତର କରାଯାଇଥିଲା। ଖବରପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରି କେସ୍ ନଂ. ୧/୧୯ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ଦୀପକ ଦ୍ରୁତ ଗତିରେ ବାଇକ୍ ଚଳାଉଥିବା ଯୋଗୁ ଭାରସାମ୍ୟ ହରାଇ ଏପରି ଦୁର୍ଘଟଣା ଘଟାଇଛନ୍ତି ବୋଲି ଥାନା ଅଧିକାରୀ ଅଜିତ କୁମାର ସ୍ୱାଇଁ କହିଛନ୍ତି। ବୁଧବାର ରାମଚନ୍ଦ୍ରଙ୍କ ମୃତଦେହ ବ୍ୟବଚ୍ଛେଦ ହୋଇଛି। ଦୁର୍ଘଟଣାଗ୍ରସ୍ତ ବାଇକ୍‌କୁ ପୋତାଖାଲ କଲୋନୀ ଗ୍ରାମବାସୀ ଉଦ୍ଧାର କରି ରଖିଛନ୍ତି। ସୂଚନାଯୋଗ୍ୟ ଯେ, ରାମଚନ୍ଦ୍ର ଚାଷ ଏବଂ ଅନ୍ୟ ସମୟରେ ମଜୁରିଆ ଭାବେ କାର୍ଯ୍ୟ କରି ପରିବାର ଚଳାଉଥିଲେ । ତାଙ୍କ ମୃତ୍ୟୁ ପରେ ପରିବାର ଲୋକେ ଭାଙ୍ଗି ପଡିଛନ୍ତି। ତାଙ୍କର ୧୨ ବର୍ଷର ପୁଅ ଏବଂ ୯ ବର୍ଷର ଝିଅ ଅଛନ୍ତି। ତାଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି ହେଉଛି।

- ୪ ଦିନ ପରେ ମାଲ୍ୟବନ୍ତ ମହୋତ୍ସବ

## ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପଡ଼ିରହିଛି ସିମେଣ୍ଟ ସ୍ଲାବ୍



ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପଡିଥିବା ସିମେଣ୍ଟ ସ୍ଲାବ୍।

ମାଲକାନଗିରି,୨୧୧ (ଡି.ଏନ୍.ଏ.)

ମାଲକାନଗିରି ଜିଲାରେ ଲୋକ ମହୋତ୍ସବ ମାଲ୍ୟବନ୍ତର ଶୁଭାରମ୍ଭ ପାଇଁ ଆଉ ୪ ଦିନ ରହିଛି। ଆସନ୍ତା ୬ରେ ଜିଲାସ୍ତରୀୟ ମହୋତ୍ସବ ପାଇଁ ପବିତ୍ର ଗୁରୁପ୍ରିୟା ନଦୀରୁ ଜଳ ଆଣି କଳସଯାତ୍ରୀମାନେ ଦୀର୍ଘ ୭୦ କିଲୋମିଟର ଅତିକ୍ରମ କରି ମାଲକାନଗିରି, ଡି.ଏନ୍.କେ. ଖେଳପଡିଆରେ ପହଞ୍ଚିବେ। ସେଠାରୁ ସହରବାସୀ, ବିଭିନ୍ନ ଅନୁଷ୍ଠାନ କର୍ମକର୍ତ୍ତା କଳସଯାତ୍ରୀଙ୍କୁ ଏକ ଶୋଭାଯାତ୍ରାରେ ଡି.ଏନ୍.କେ. ଛକ, ଜିଲାପାଳଙ୍କ କାର୍ଯ୍ୟାଳୟ ମୁଖ୍ୟ ରାସ୍ତା ଦେଇ ଜଗନ୍ନାଥ ମନ୍ଦିରକୁ ନେବେ। ଏଥିରେ ବହୁ ସଂଖ୍ୟାରେ ଜନସାଧାରଣ ଅଂଶଗ୍ରହଣ କରିବେ । ଏବେଠାରୁ ବିଭିନ୍ନ ରାଜ୍ୟରୁ ବୁଲା ବିକାଳିମାନେ ସେମାନଙ୍କର ଜିନିଷ ବିକ୍ରି ପାଇଁ ମାଲକାନଗିରିରେ ପହଞ୍ଚି ଗଲେଣି। ତେବେ ଦୀର୍ଘ ୨ମାସ ହେଲା ଜିଲାପାଳଙ୍କ କାର୍ଯ୍ୟାଳୟ ମୁଖ୍ୟରାସ୍ତା କଡରେ ଡ୍ରେନ କାର୍ଯ୍ୟରେ ବ୍ୟବହାର ପାଇଁ ସିମେଣ୍ଟ ସ୍ଲାବ୍ ଗୁଡିକ ସମ୍ପୃକ୍ତ ଠିକାଦାର ପକାଇ ରଖିଛନ୍ତି। ଏହା ଦ୍ୱାରା ରାସ୍ତା ସଂକୋଚ ହୋଇ ଯାତାୟାତରେ ବାଧା ସୃଷ୍ଟି ହେଉଛି। ମାଲ୍ୟବନ୍ତ ମହୋତ୍ସବ ସମୟରେ ଏହି ସ୍ଲାବ୍‌ଗୁଡିକ ଅଧିକ ସମସ୍ୟା ସୃଷ୍ଟି କରିବ। ଜିଲାପାଳଙ୍କ କାର୍ଯ୍ୟାଳୟର ୨ ମୁଖ୍ୟ ଫାଟକ ସମ୍ମୁଖରେ ସିମେଣ୍ଟ ପ୍ଲେଟ୍‌ଗୁଡିକ ପଡି ରାସ୍ତା ଅବରୋଧ ହୋଇଥିବା ପ୍ରତ୍ୟହ ଜିଲାପାଳଙ୍କ ସହ ବିଭିନ୍ନ ପଦାଧିକାରୀ ଏବଂ କର୍ମଚାରୀ ଦେଖୁଥିଲେ ମଧ୍ୟ ଏହାକୁ ଉଠାଇ ନେବା ଦିଗରେ କେହି ପଦକ୍ଷେପ ନେଉନାହାନ୍ତି। ସୂଚନାଯୋଗ୍ୟ ଯେ, ଡ୍ରେନ୍ ନିର୍ମାଣ ପୂର୍ବରୁ ୨୦ ଲକ୍ଷ ଟଙ୍କା ବ୍ୟୟରେ ରାସ୍ତା କଡକୁ ଲାଗି ବଣ୍ଡାବାକୁଲି ସାଗରରେ ଏକ ଡିଜାଇନ୍ ପାଚେରି ନିର୍ମାଣ ହୋଇଥିଲା। ସେହି ପାଚେରିକୁ ଭଙ୍ଗାଯାଇ କଂକ୍ରିଟ୍ ଡ୍ରେନ୍ କରାଯାଇଥିଲେ ମଧ୍ୟ ଡ୍ରେନକୁ ଲାଗି ୪ଫୁଟ ଉଚ୍ଚର ମାଟି ଗଦା ହୋଇ ରହିଛି। ବର୍ଷା ହେଲେ ଏହି ମାଟି ଖସି ଡ୍ରେନ୍ ପୋତି ହୋଇଯିବାର ସମ୍ଭାବନା ରହିଛି। ଏ ସମ୍ପର୍କରେ ଜାତୀୟ ରାଜପଥ ବିଭାଗ ନିର୍ବାହୀଯନ୍ତ୍ରୀ ହରେକୃଷ୍ଣ ପଣ୍ଡାଙ୍କୁ ପଚାରିବାରୁ ସେ କହିଲେ ଯେ, ମାଲ୍ୟବନ୍ତ ମହୋତ୍ସବ ପୂର୍ବରୁ ଏହି ପ୍ଲେଟ୍ ଉଠାଇବା ପାଇଁ ସମ୍ପୃକ୍ତ ଠିକାଦାରଙ୍କୁ କୁହାଯିବ। ଏଥିରେ ବ୍ୟତିକ୍ରମ ହେଲେ ଠିକାଦାରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।



# ଟେଣ୍ଡର ପ୍ରକ୍ରିୟାରେ ଅନିୟମିତତା ଅଭିଯୋଗ

## ପୋଟେରୁ ଜଳସେଚନ ବିଭାଗ

- ସିବିଆଇ ତଦନ୍ତ ଦାବି କଲେ ଠିକାଦାର
- ଯାଞ୍ଚ ହେଉ ଟେଣ୍ଡର ଖୋଲାଯିବା ଦିନର ସିସି ଟିଭି ଫୁଟେଜ୍

ମାଲକାନଗିରି,୨୧ (ଡି.ଏନ୍.ଏ.)

ମାଲକାନଗିରି ଜିଲା ପୋଟେରୁ ଜଳସେଚନ ବିଭାଗ (ପି.ଆଇ.ପି.) ବାଲିମେଳା ଡିଭିଜନରେ ଟେଣ୍ଡର ପ୍ରକ୍ରିୟାରେ ଅନିୟମିତତା ହୋଇଥିବା ଟେଣ୍ଡରରେ ଅଂଶଗ୍ରହଣ କରିଥିବା ଠିକାଦାରମାନେ ଅଭିଯୋଗ କରିଛନ୍ତି। ସେମାନେ ଏହାର ସି.ବି.ଆଇ ତଦନ୍ତ ଦାବି କରିଛନ୍ତି। ବୁଧବାର ଏକ ପ୍ରେସ୍ ବିଜ୍ଞପ୍ତିରେ ଠିକାଦାରମାନେ କହିଛନ୍ତି ଯେ, ଜଳସେଚନ ବିଭାଗର କେନାଲ ବନ୍ଧ ରାସ୍ତା ନିର୍ମାଣ ପାଇଁ ଗତ ନଭେମ୍ବର ୨୪ରେ ଟେଣ୍ଡର ଆହ୍ୱାନ କରାଯାଇଥିଲା। ଟେଣ୍ଡର ପକାଇବାର ଶେଷ ତାରିଖ ଗତ ଡିସେମ୍ବର ୧୦ ସନ୍ଧ୍ୟା ୫ଟା ଥିଲା। ଡିସେମ୍ବର ୧୧ ଟେଣ୍ଡର ଖୋଲିବା ଦିନ ଧାର୍ଯ୍ୟ ହୋଇଥିଲା। ଟେଣ୍ଡର ନଂ ସିସିଇ ପିଆଇପି ୦୧/୧୮-୧୯ ଥିଲା। ପ୍ରାୟ ୧୬୦ ଜଣ ଠିକାଦାର ଟେଣ୍ଡର ପ୍ରକ୍ରିୟାରେ ଅଂଶଗ୍ରହଣ କରିଥିଲେ। ଟେଣ୍ଡର ପ୍ରକ୍ରିୟାରେ ଭାଗ ନେଇଥିବା ଠିକାଦାରମାନଙ୍କୁ ଲଟେରି ପ୍ରକ୍ରିୟାରେ କାର୍ଯ୍ୟାଦେଶ ପ୍ରଦାନ କରାଯିବ ବୋଲି ସୂଚନା ନ ଥିବା ବେଳେ ବିଭାଗୀୟ କର୍ତ୍ତୃପକ୍ଷ ସମସ୍ତ ଆବେଦନକାରୀ ଠିକାଦାରଙ୍କୁ ନ ଜଣାଇ କେବଳ ୮ଜଣ ଠିକାଦାରଙ୍କୁ ଡାକି ସେମାନଙ୍କ ମଧ୍ୟରେ ଲଟେରି ପ୍ରକ୍ରିୟା କରି ୪ଜଣଙ୍କୁ କାର୍ଯ୍ୟାଦେଶ ପ୍ରଦାନ କରାଯାଇଛି। ଏହା ଜଣାପଡିବା ପରେ ଟେଣ୍ଡର ପ୍ରକ୍ରିୟାରେ ଅଂଶଗ୍ରହଣ କରିଥିବା ଅନ୍ୟ ଠିକାଦାରମାନେ ଏହାକୁ ବିରୋଧ କରିଛନ୍ତି। ସେମାନେ ବୁଧବାର ଜିଲାପାଳଙ୍କୁ ସାକ୍ଷାତ କରି ଅଭିଯୋଗ କରିଛନ୍ତି। ଜଳସଚେନ ବିଭାଗର ପଦାଧିକାରୀ ଟେଣ୍ଡର ଫିକ୍ସିଂରେ ସମ୍ପୃକ୍ତ ରହି ଏପରି କାର୍ଯ୍ୟ କରିଥିବା ସେମାନେ କହିଛନ୍ତି। ଏହି ଟେଣ୍ଡର ପ୍ରକ୍ରିୟାକୁ ରଦ୍ଦ କରାଯିବା ସହ ଏଥିରେ ସମ୍ପୃକ୍ତ ଅଧିକାରୀମାନଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଠିକାଦାରମାନେ ଦାବି କରିଛନ୍ତି। ଏ ସମ୍ପର୍କରେ ପୋଟେରୁ ଜଳସେଚନ ବିଭାଗ ବାଲିମେଳାର ମୁଖ୍ୟ ଯନ୍ତ୍ରୀ ବିଜୟ କୁମାର କାଲଟାଙ୍କୁ ପଚାରିବାରୁ ସେ କହିଲେ ଯେ, ଟେଣ୍ଡର ପ୍ରକ୍ରିୟା ମୋ ଉପସ୍ଥିତିରେ ହୋଇଛି। ଅନ୍ୟପକ୍ଷରେ ଯଦି ନିୟମ ଅନୁଯାୟୀ ଟେଣ୍ଡର ପ୍ରକ୍ରିୟା ଖୋଲା ଯାଇଛି ତା'ହେଲେ ଲଟେରି ଦିନର ସିସି ଟିଭିର ଫୁଟେଜ୍ ଯାଞ୍ଚ କରାଗଲେ ପ୍ରକୃତ ତଥ୍ୟ ଲୋକଲୋଚନକୁ ଆସିବ ବୋଲି ଠିକାଦାରମାନେ କହିଛନ୍ତି। ଏହାର ଉଚିତ ବିଚାର କରା ନ ଗଲେ ଆଗାମୀ ଦିନରେ ଆମେ ଆଇନର ଦ୍ୱାରସ୍ଥ ହେବୁ ବୋଲି ଠିକାଦାର ଅରିନ୍ଦମ ମାଳି, ରାଜେଶ ମିସ୍ତ୍ରି, ସଞ୍ଜୟ କୁମାର ସରକାର, ମହାଦେବ ଦେଙ୍କ ସମେତ ଅନ୍ୟମାନେ ପ୍ରକାଶ କରିଛନ୍ତି। ଅଭି ଯୋଗ କରିଥିବା ବେଳେ ଟେଣ୍ଡର ଖୋଲିବା ସମୟରେ ଯଦି ମୁଖ୍ୟ ଯନ୍ତ୍ରୀ ଟେଣ୍ଡର ପ୍ରକ୍ରିୟା ଠିକ୍ ଅଛି ବୋଲି କହିର୍ଛି ତେବେ ନିୟମ ଅନୁ ଯାୟୀ ଟେଣ୍ଡର ପ୍ରକ୍ରିୟା ଖୋଲା ହେବା ଓ ଲଟେରି ଦିନ ସିସି ଟିଭିର ଫୁଟେଜ୍ ଯାଂଚ କରାଗଲେ ପ୍ରକୃତ ତଥ୍ୟ ଲୋକ ଲୋଚନକୁ ଆସିବ ବୋଲି ପ୍ରକାଶ କରିବା ସହ ସମ୍ପୃକ୍ତ ମୁଖ୍ୟ ଯନ୍ତ୍ରୀ ଶ୍ରୀ କାଲଟାଙ୍କ ବିରୁଦ୍ଧରେ ସିବିଆଇ ତଦ' କରିବା ପାଇଁ ଦାବି କରିର୍ଛି।



ପ୍ରସ୍ତୁତି ବୈଠକରେ ବିଡିଓଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ଆଲୋଚନା କରୁଛନ୍ତି।

# ବ୍ଲକସ୍ତରୀୟ ମାଲ୍ୟବନ୍ତ ଉତ୍ସବ ପ୍ରସ୍ତୁତି

କାଲିମେଳା,୨୧(ଡି.ଏନ.ଏ.)

ମାଲକାନଗିରି ଜିଲାର ଲୋକ ମହୋତ୍ସବ ମାଲ୍ୟବନ୍ତ ଉତ୍ସବ ପାଳନ ନେଇ ଜିଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଗଲାଣି । ଏହି ପରିପ୍ରେକ୍ଷୀରେ କାଲିମେଳା ବ୍ଲକସ୍ତରୀୟ ମାଲ୍ୟବନ୍ତ ଉତ୍ସବ ପାଳନ ଲାଗି ବିଡିଓ ଉମା ଶଙ୍କର ଦଳାଇଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ବୁଧବାର ବ୍ଲକ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି । । ବ୍ଲକ ଅଧ୍ୟକ୍ଷ ମାଳା ମାଢ଼ି, ଗ୍ରାମ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ କାର୍ତ୍ତିକ ନାୟକ, ବିଏସଏସଓ ଦେଶା କାମରାମ, ଏବିଇଓ ଅସିତ ମିସ୍ତ୍ରି, ଚିନ୍ତା ହରଣ ମଧୁ, ସିଡିପିଓ ବିଦ୍ୟୁତ୍‌ଲତା ପାତ୍ରଙ୍କ ସମେତ ସମସ୍ତ ସରପଞ୍ଚ,ସମିତିସଭ୍ୟ, କନିଷ୍ଠଯନ୍ତ୍ରୀ, ପିଇଓ ଏବଂ ଗ୍ରାମବାସୀ ଉପସ୍ଥିତ ଥିଲେ। ଜାନୁୟାରୀ ୮ରେ ବ୍ଲକସ୍ତରୀୟ ମାଲ୍ୟବନ୍ତ ଉତ୍ସବ ପାଳନ କରାଯିବାକୁ ନିଷ୍ପତ୍ତି ନିଆଯାଇଥିଲା । ପୂର୍ବବର୍ଷ ଅପେକ୍ଷା ଚଳିତ ବର୍ଷ ଉତ୍ସବକୁ ଅଧିକ ଆକର୍ଷଣୀୟ କରିବା ପାଇଁ ପଞ୍ଚାୟତ ସମିତି ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ଉତ୍ସବ ଦିନ ସକାଳ ୮ଟାରେ ସ୍ଥାନୀୟ ଭୈରବୀ ମନ୍ଦିରରେ ପୂଜାର୍ଚ୍ଚନା କରି ସେଠିାରୁ ବ୍ଲକ କାର୍ଯ୍ୟାଳୟ ପର୍ଯ୍ୟନ୍ତ ସ୍ୱୟଂ ସହାୟକ ଗୋଷ୍ଠୀ ଓ ଅଙ୍ଗନୱାଡି କର୍ମୀଙ୍କୁ ନେଇ କଳସଯାତ୍ରା ହେବ। ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନେଇ କ୍ରୀଡା ପ୍ରତିଯୋଗିତା କରାଯିବ। ଜନସାଧାରଣଙ୍କ ଲାଗି ଗଣଦୌଡ ଏବଂ ଯୁବକମାନଙ୍କୁ ନେଇ ଭଲିବଲ ପ୍ରତିଯୋଗିତା ଅନୁଷ୍ଠିତ ହେବ । ଏଥିସହ ମ୍ୟୁଜିକ ଚେୟାର,ସାଧାରଣ ଜ୍ଞାନ, ଚିତ୍ରାଙ୍କନ,ସଙ୍ଗୀତ ଓ ନୃତ୍ୟ ପ୍ରତିଯୋଗିତା ହେବ। ସାଂସ୍କୃତିକ କାର୍ଯ୍ୟକ୍ରମରେ ମାନ୍ୟମକୋଣ୍ଡାର ଢେମସା ନୃତ୍ୟ, ଏମପିଭି-୯୫ ଗ୍ରାମର ବେଙ୍ଗଲୀ ନୃତ୍ୟ, ଗିରକାନପାଲିର ମହୁରିଆ ଓ ଗରସାପାଲିର ସିଂଘନାଚ ହେବାକୁ ସ୍ଥିର ହୋଇଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଆ ଲୋ ମୂତୁରି ଶୋଇବା
ସକାଳ ହୋଇଲେ ଧୋଇବା ।**

ଯେଉଁଠାରେ ଉଭୟପକ୍ଷ ଦୋଷଯୁକ୍ତ ହୋଇଥାନ୍ତି, ସେଠାରେ କେହି କାହାର ଦୋଷ ଦୁର୍ବଳତା ଦେଖିବାକୁ ଉଚିତ ମଣି ନ ଥାନ୍ତି। ଦୁଇ ସମଭାବାପନ୍ନ ବା ସମସ୍ୱଭାବ ବିଶିଷ୍ଟ ବ୍ୟକ୍ତି ପରସ୍ପର ପ୍ରତି ଆନୁଗତ୍ୟ ପ୍ରଦର୍ଶନ କରୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଆରେ ଲଣ୍ଡା,
ମୋ ଭାତ ଖାଇ ମତେ ଖଣ୍ଡା ?**

ଯିଏ ଯାହାକୁ ପାଳିପୋଷି ମଣିଷ କରିଥାଏ ତା'ପ୍ରତି ମନରେ ଏକପ୍ରକାର ଦରଦଭାବ ରହିଥାଏ। ଏପରିସ୍ଥଳେ ସାହାଯ୍ୟ ପ୍ରଦାନକାରୀ ବ୍ୟକ୍ତିଙ୍କ ପ୍ରତି ବେଇମାନି ପ୍ରଦର୍ଶନ କରିବା ଉଚିତ ହୋଇ ନ ଥାଏ। ପାଳିପୋଷି ମଣିଷ କରିଥିବା ବ୍ୟକ୍ତିଙ୍କ ପ୍ରତି କୃତଘ୍ନତା ପ୍ରକାଶ କରିବା ସମାଜ ଆଖିରେ ଗ୍ରହଣୀୟ ହେଉ ନ ଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ. ପ୍ରା. ଲି.

- ସ୍ୱାମୀ ହତ୍ୟା ଘଟଣାର ପର୍ଦ୍ଦାଫାଶ

# ସ୍ତ୍ରୀ,ଝିଅ ଗିରଫ



ଖବରଦାତା ସମ୍ମିଳନୀରେ ଏସ୍.ପି. ସୂଚନା ଦେଉଛନ୍ତି।

ମାଲକାନଗିରି,୨୧ (ଡି.ଏନ୍.ଏ.)

ସ୍ୱାମୀ ହତ୍ୟାକାରୀ ସ୍ତ୍ରୀ ଏବଂ ତାଙ୍କ ଝିଅକୁ ବୁଧବାର ମାଲକାନଗିରି ପୋଲିସ ଗିରଫ କରିଛି ବୋଲି ଏସ୍.ପି. ଜଗମୋହନ ମୀନା ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ, ମାଲକାନଗିରି ସଦର ଥାନା ଅନ୍ତର୍ଗତ ଜଣେ ଆଦିବାସୀ ମହିଳା ତାଙ୍କ ଝିଅଙ୍କ ସହାୟତାରେ ସ୍ୱାମୀଙ୍କୁ ହତ୍ୟା କରିଛନ୍ତି। ଗତ ଡିସେମ୍ବର ୭ରୁ କାମବେଡା ପଞ୍ଚାୟତ ବାଲକାଟି ଗ୍ରାମର ପଦିଆ ମାଡକାମୀ ନିଖୋଜ ଥିଲେ। ଏ ନେଇ ପଦିଆଙ୍କ ପୁତୁରା ରାମଚନ୍ଦ୍ର ମାଡକାମୀ ଥାନାରେ ଅଭିଯୋଗ କରିଥିଲେ। ଏହାର କିଛିଦିନ ପରେ ଗତ ସୋମବାର ଏକ ଅର୍ଦ୍ଧଦଗ୍ଧ ମୃତଦେହର କଙ୍କାଳ ଏମ୍.ଭି.- ୧୮ ଗ୍ରାମ ନିକଟ ଜଙ୍ଗଲରେ ପଡିଥିବା ପୁତୁରା ରାମଚନ୍ଦ୍ର ପୋଲିସକୁ ଜଣାଇଥିଲେ। ଏହି ସୂଚନା ପାଇବା ପରେ ପୋଲିସ ଘଟଣାର ତନାଘନା ଆରମ୍ଭ କରିଥିଲା। ଜଙ୍ଗଲରୁ କଙ୍କାଳର ନମୁନା ସଂଗ୍ରହ କରି କୋରାପୁଟ ଫରେନସିକ୍ ପରୀକ୍ଷାଗାରକୁ ପଠାଇଥିଲା। ସେଠାରୁ ରିପୋର୍ଟ ଆସିବା ପୂର୍ବରୁ ଏହି ମୃତଦେହ ବାଲକାଟି ଗ୍ରାମର ପଦିଆଙ୍କର ବୋଲି ପୁତୁରା ରାମଚନ୍ଦ୍ର ଦାବି କରିବା ସହ ପଦିଆଙ୍କ ସ୍ତ୍ରୀ ମୁଦେ ଓ ତାଙ୍କ ଝିଅ ଅଞ୍ଜିଳି ତାଙ୍କୁ ହତ୍ୟା କରିଥିବା ଅଭିଯୋଗ କରିଥିଲେ। ଘଟଣାର ତଦନ୍ତ କରି ପୋଲିସ ଜାଣିବାକୁ ପାଇଥିଲା ଯେ, ପଦିଆ କିଛିଦିନ ହେବ ଆନ୍ଧ୍ରରେ ଦାଦନ ଖଟିବା ସହ ସୁର୍ଲୁକୋଣ୍ଡାରେ ଥିବା ତାଙ୍କ ପୁଅ ସହିତ ରହୁଥିଲେ। ମଝି ମଝିରେ ଘରକୁ ଆସି ମଦ୍ୟପାନ କରି ସ୍ତ୍ରୀ ମୁଦେ ଏବଂ ଝିଅ ଅଞ୍ଜଳିଙ୍କୁ ନିର୍ଯାତନା ଦେଉଥିଲେ। ଘଟଣା ଦିନ ପଦିଆ ଅତ୍ୟଧିକ ମଦ୍ୟପାନ କରି ଆସି ସ୍ତ୍ରୀ ଓ ଝିଅକୁ ମାରପିଟ କରିଥିଲେ। ପଦିଆଙ୍କ ଅତ୍ୟାଚାର ସହି ନ ପାରି ସ୍ତ୍ରୀ ଓ ଝିଅ ତାଙ୍କୁ କୌଣସି ପ୍ରକାରେ ନିକଟସ୍ଥ ଏମ୍.ଭି. ୧୮ ଗ୍ରାମ ଜଙ୍ଗଲକୁ ଡାକି ନେଇ ଜଙ୍ଗଲରେ ପଥରରେ ଛେଚି ହତ୍ୟା କରି ପୋଡି ଦେଇଥିଲେ ବୋଲି ଉଭୟେ ପୋଲିସ ନିକଟରେ ସ୍ୱୀକାର କରିଛନ୍ତି।






## ସଂକ୍ଷେପରେ

### ଶ୍ରେଷ୍ଠ ମୋଟିଭେଟର ଡ଼. ନରେଶ ଚନ୍ଦ୍ର ସାହୁ



ଦାମନଯୋଡ଼ି, ୨୧୧(ସ୍ୱ.ପ୍ର.)- ଦାମନଯୋଡ଼ି ସରସ୍ୱତୀ ବିଦ୍ୟା ମନ୍ଦିର ଯୁବ ରେଡ୍‌କ୍ରସ ପରାମର୍ଶଦାତା ଡ଼ଃ ନରେଶ ଚନ୍ଦ୍ର ସାହୁ ରକ୍ତଦାନ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଶ୍ରେଷ୍ଠ ମୋଟିଭେଟର ପୁରସ୍କାର ପାଇଛନ୍ତି। ଗତ ଡିସେମ୍ବର ୨୫ରୁ ୩୦ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱରସ୍ଥିତ କିଟ୍ ବିଶ୍ୱ ବିଦ୍ୟାଳୟ ପରିସରରେ ଚାଲିଥିବା ଅନ୍ତଃରାଜ୍ୟ ଯୁବ ରେଡ୍‌କ୍ରସ ଶିକ୍ଷା ଓ ତାଲିମ ଶିବିରର ଶେଷ ଦିନରେ ଆୟୋଜିତ ଏକ ସ୍ୱତନ୍ତ୍ର ସଭାରେ ଭାରତୀୟ ରେଡ୍‌କ୍ରସ ସୋସାଇଟି ଦିଲ୍ଲୀ ହେଡ୍ କ୍ୱାଟର ମୁଖ୍ୟ ଆର୍‌କେ ଜୈନ ଡ଼ଃ ସାହୁଙ୍କୁ ମାନପତ୍ର ପ୍ରଦାନ କରିଥିଲେ। ରାଜ୍ୟ ଶାଖାର ଅବୈତନିକ ସମ୍ପାଦିକା ମେଜର ଡ଼ଃ କଳ୍ପନା ଦାସ, କିଟ୍ ବିଶ୍ୱ ବିଦ୍ୟାଳୟ ଡାଇରେକ୍ଟର, କ୍ୱାଲିଟି କଣ୍ଟ୍ରୋଲ ପ୍ରଫେସର ଜୟନ୍ତ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ। ଉକ୍ତ ତାଲିମ ଶିବିରରେ ୬ଟି ରାଜ୍ୟରୁ ୪୨୦ ଜଣ ସ୍ୱେଚ୍ଛାସେବୀ ଅଂଶ ଗ୍ରହଣ କରିଥିଲେ।

### ଗାଡ଼ି ଧକ୍କାରେ ଯୁବତୀ ମୃତ

#### ଏନ୍‌ଏଚ୍ ଅବରୋଧ କଲେ ଲୋକେ

ଜୟପୁର,୨୧୧(ଡି.ଏନ୍.ଏ.): ଜୟପୁର-ବୋରିଗୁମ୍ମା ରାସ୍ତା ୨୬ ନମ୍ବର ଜାତୀୟ ରାଜପଥ ଉମୁରି ସ୍ଥିତ ଭାରତୀୟ ଖାଦ୍ୟ ନିଗମ ନିକଟରେ ଅଜଣା ଗାଡ଼ି ଧକ୍କାରେ ଜଣେ ଯୁବତୀଙ୍କ ମୃତ୍ୟୁ ହୋଇଛି। ମୃତକ ହେଉଛନ୍ତି ଉମୁରି ଗ୍ରାମର ପ୍ରତିମା ହରିଜନ (୩୦)। ସେ ସ୍ୱାମୀ ପରିତ୍ୟକ୍ତା ଥିବାବେଳେ ତାଙ୍କର ମାନସିକ ଅସୁସ୍ଥତା ରହିଥିବା ଜଣାପଡ଼ିଛି। ତେଣୁ ସେ ଗାଁ ଆଖପାଖରେ ବୁଲାବୁଲି କରୁଥିଲେ। ବୁଧବାର ସନ୍ଧ୍ୟାରେ କୌଣସି ଅଜଣା ଗାଡ଼ି ତାଙ୍କୁ ଧକ୍କାଦେଇ ସେଠାରୁ ପଳାଇ ଯାଇଥିଲା। ଗ୍ରାମବାସୀ ଘଟଣାସ୍ଥଳରେ ପହଞ୍ଚି କ୍ଷତିପୂରଣ ଦାବି ନେଇ ଜାତୀୟ ରାଜପଥ ଅବୋରଧ କରିଥିଲେ।

### ନାଲ୍‌କୋ କମ୍ୟୁନିଟି କେନ୍ଦ୍ରରେ ସ୍ୱାଗତମ୍-୨୦୧୯



ଦାମନଯୋଡ଼ି,୨୧୧(ସ୍ୱ.ପ୍ର.)-ନାଲ୍‌କୋ କମ୍ୟୁନିଟି ସେଣ୍ଟର 'ସ୍ୱାଗତମ୍-୨୦୧୯' ପାଳିଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ନାଲ୍‌କୋ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ରବିଶଙ୍କର ଦାସ, ସମ୍ମାନିତ ଅତିଥି ମହାପ୍ରବନ୍ଧକ ରାଜୀବ ମିଶ୍ର, ଅରୁଣ ଦାସ, ରାମଚନ୍ଦ୍ର ତ୍ରିପାଠୀ, ରମେଶ ଚନ୍ଦ୍ର ଯୋଶୀ, ଡିଜିଏମ୍ ଆର୍‌ଏନ୍ ଉପାଧ୍ୟାୟଙ୍କ ସହିତ ଏଜିଏମ୍ ସୂର୍ଯ୍ୟ ନାୟକ ଉପସ୍ଥିତ ଥିଲେ। କଟକର ସୁର ମିଳନ ଅର୍କେଷ୍ଟ୍ରା ଗ୍ରୁପ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷଣ କରିଥିଲା। ସେହିପରି ଦ୍ୱିତୀୟ ଦିନରେ ଜୟପୁରର ସପ୍ତସ୍ୱର ସୁର ଝଙ୍କାର ଦଳ ସମବେତ ସଙ୍ଗୀତ ପରିବେଷଣ କରିଥିଲେ। କମ୍ୟୁନିଟି ସେଣ୍ଟର ପରିସରରେ ବାଣିଜ୍ୟ ମେଳା ଆୟୋଜିତ ହୋଇଥିଲା। ସଭାପତି ଦାମୋଦର ସାହୁ, ସମ୍ପାଦକ ମନୋଜ ପୃଷ୍ଟି, ଶୁକଦେବ ପଟ୍ଟନାୟକ, ରଞ୍ଜିତ ନାୟକ, ବିଶ୍ୱଜିତ ମିଶ୍ର, ସଞ୍ଜୀବ ସାହୁ, ପୂର୍ଣ୍ଣଚନ୍ଦ୍ର ଗୌଡ଼, ପ୍ରଶାନ୍ତ ସେଠୀ, ଅକ୍ଷୟ ଜେନା, ନିରଞ୍ଜନ ବାରିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶ୍ରୀଧର ପରିଡ଼ା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ତୁଷାରପାତରେ ୮୦ ଏକର ଫସଲ ନଷ୍ଟ

- ଝାଉଁଳି ପଡୁଛି ଗଛ
- ଉଦ୍ୟାନ କୃଷି ବିଭାଗ ଶୁଣୁନି
- ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ ଚେତାବନୀ

ସେମିଳିଗୁଡ଼ା,୨୧୧(ସ୍ୱ.ପ୍ର.)



ନଷ୍ଟ ହୋଇଥିବା ରବି ଫସଲ ଖେତ।

ସେମିଳିଗୁଡ଼ା ବ୍ଲକ୍ ଅଲିଗାଁ ଗ୍ରାମରେ ବରଫ ଆସ୍ତରଣ ପଡ଼ି ଫୁଲ ଧରିଥିବା ରବି ଫସଲ ନଷ୍ଟ ହୋଇଛି। ପ୍ରାୟ ୮୦ ଏକରରେ ହୋଇଥିବା ବାଇଗଣ, ଆଳୁ, ଟମାଟୋ, ବିନ୍ସ ଗଛପତ୍ର ଏବଂ ଫୁଲରେ ବରଫ ଆସ୍ତରଣ ପଡ଼ି ଝାଉଁଳା ପରି ରୋଗ ହୋଇଛି। ଏନେଇ ଚାଷୀମାନେ ଚିନ୍ତାରେ ପଡ଼ିଛନ୍ତି। ଖରା ପଡ଼ିଲେ ଗଛଗୁଡ଼ିକ ଝାଉଁଳିବା ସହିତ ଅନେକ ମରି ଯାଉଥିବା ଦେଖିବାକୁ ମିଳୁଛି। ଫୁଲଗୁଡ଼ିକ ଖସି ପଡ଼ିବା ଦ୍ୱାରା ଫଳ ଶୂନ୍ୟ ହୋଇଯାଉଛି। ସେମିଳିଗୁଡ଼ା ବ୍ଲକ୍‌ର ଶୁଣ୍ଡିପୁଟ, ନୂଆପୁଟ,ଦଳେଇଗୁଡ଼ା, ପିତାଗୁଡ଼ା,ଦୁଧାରୀ ପ୍ରଭୃତି ଗ୍ରାମରେ ରବି ଫସଲ ଅବସ୍ଥା ଏପରି ହୋଇଛି। ବିଭିନ୍ନ ବାତ୍ୟାରେ ଖରିଫ ଫସଲ ନଷ୍ଟ ହୋଇଥିବାବେଳେ ଏବେ ପ୍ରବଳ ଜାଡ଼ ଯୋଗୁ ବରଫ ଆସ୍ତରଣ ପଡ଼ି ରବି ଫସଲ ନଷ୍ଟ ହେବାରୁ ଚାଷୀଙ୍କୁ ଶକ୍ତ ଆଘାତ ଲାଗିଛି। ସ୍ଥାନୀୟ ଉଦ୍ୟାନ କୃଷି ବିଭାଗରେ ଅଭିଯୋଗ ହୋଇଥିଲେ ମଧ୍ୟ ସେଠାରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନ ଥିବା ଚାଷୀମାନେ କହିଛନ୍ତି। ବିଡିଓ ଘଟଣାସ୍ଥଳ ପରିଦର୍ଶନ କରି ଆସିବା ପରେ ପଦକ୍ଷେପ ପାଇଁ ନିଷ୍ପତ୍ତି ନିଆଯିବ ବୋଲି କୁହାଯାଉଛି। ଚନ୍ଦନ ପାଢ଼ୀ, କୁନାରାମ ପାଢ଼ୀ, ମୁଦୁଲି କରଣ, ଖଗା ମୁଦୁଲି, ଜୟପ୍ରିୟ ଦୋସ୍ତୁ, ପ୍ରତାପ ଅନ୍ତାବାସି, ରାମ ଅନ୍ତାବାସି, ଡ଼ମ୍ବରୁ ମୁଦୁଲି, ଧନା ଦିସାରି, ମଦନ ପାଢ଼ୀ, ଭଗତରାମ କିରସାନି, ବି. କିରସାନି, ନରସିଂହ କିରସାନି, ଢ଼ାଲ କିରସାନି, ରାମ ଜାନି, ତ୍ରିନାଥ ମୁଦୁଲି ପ୍ରମୁଖଙ୍କ ଚାଷ ନଷ୍ଟ ହୋଇଛି। ଚାଷୀଙ୍କୁ ତୁରନ୍ତ ଆର୍ଥିକ ସହାୟତା ଯୋଗାଇ ଦେବାକୁ ସରପଞ୍ଚ ସଂଘ ସଭାପତି ଲକ୍ଷ୍ମଣ ପାଢ଼ୀ ଦାବି କରିଛନ୍ତି। କ୍ଷତିପୂରଣ ନ ମିଳିଲେ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରିବେ ବୋଲି ଚାଷୀମାନେ ଚେତାବନୀ ଦେଇଛନ୍ତି।

## ଚିକିତ୍ସାଧୀନ ଯୁବକଙ୍କ ମୃତ୍ୟୁ

ବୈପାରୀଗୁଡ଼ା, ୨୧୧(ଡି.ଏନ୍.ଏ)

ବୈପାରୀଗୁଡ଼ା ଥାନା ରାମଗିରି ଫାଣ୍ଡ ଅଧୀନ କଲୋନିଗୁଡ଼ା ଗ୍ରାମର ଜଣେ ଯୁବକଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଛି। ମୃତକ ହେଲେ କେଶବ ରାମପୁରିଆ (୩୦)। ମଙ୍ଗଳବାର ରାତିରେ କୋରାପୁଟ ମେଡ଼ିକାଲରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ରାମଗିରି ପୋଲିସ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ପ୍ରକାଶ ଯେ, ଗତ ମାସ ୬ ତାରିଖରେ ମଦ ପିଇବାକୁ କେନ୍ଦ୍ରକରି ମାଝିଗୁଡ଼ା ଓ କଲୋନିଗୁଡ଼ାର କେତେକ ଲୋକଙ୍କ ମଧ୍ୟରେ ମାରପିଟ୍ ହୋଇଥିଲା। ଏଥିରେ କେଶବଙ୍କ ସହିତ ଅନ୍ୟ କେତେଜଣ ଆହତ ହୋଇଥିଲେ। ଥାନାରେ ମଧ୍ୟ ମାମଲା ରୁଜୁ ହୋଇଥିଲା। ଅନ୍ୟମାନେ ସୁସ୍ଥ ହୋଇଯାଇଥିବାବେଳେ କେଶବଙ୍କ ଅବସ୍ଥାରେ ସୁଧାର ଆସି ନଥିଲା। ତେବେ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଫାଣ୍ଡି ଅଧିକାରୀ ସୁବ୍ରତ କୁମାର ପାଣିଗ୍ରାହୀ ପ୍ରକାଶ କରିଛନ୍ତି।

## ଓମ୍‌ସାର ପକ୍ଷରୁ ରକ୍ତଦାନ ଶିବିର

# ସଂଗ୍ରହ ହେଲା ୮୦ ୟୁନିଟ୍ ରକ୍ତ




ଜଣେ ରକ୍ତଦାତା ରକ୍ତଦାନ କରୁଛନ୍ତି।

କୋରାପୁଟ,୨୧୧(ସ୍ୱ.ପ୍ର.)

କୋରାପୁଟ ଓମ୍‌ସାର ଜିଲା ଶାଖା ପକ୍ଷରୁ ବୁଧବାର ସ୍ଥାନୀୟ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟରେ ପ୍ରଥମଥର ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। ଓମ୍‌ସାର ଜିଲା ଶାଖା ସଂପାଦକ ଡାକ୍ତର ମୁକ୍ତିକାନ୍ତ ଖଟୁଆଙ୍କ ଜନ୍ମ ଦିବସରେ ଏପରି ଏକ ଶିବିର ଆୟୋଜନ କରାଯାଇଥିଲା। ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ମୁଖ୍ୟ ଅତିଥି ଭାବେ ଏହାର ଶୁଭାରମ୍ଭ କରିବା ସହ ରକ୍ତର ଆବଶ୍ୟକତା ସଂପର୍କରେ ବକ୍ତବ୍ୟ ରଖିଥିଲେ। ଓମ୍‌ସାର ଜିଲା ଶାଖା ସଂପାଦକ ମୁକ୍ତିକାନ୍ତ ଖଟୁଆ ନିଜେ ପ୍ରଥମେ ରକ୍ତଦାନ କରି ଅନ୍ୟମାନଙ୍କୁ ରକ୍ତ ଦେବା ପାଇଁ ଉତ୍ସାହିତ କରିଥିଲେ। ଏହି ଅବସରରେ ସମ୍ମାନିତ ଅତିଥି ଭାବେ ସିଡିଏମ୍‌ଓ ଡାକ୍ତର ଲଳିତ ମୋହନ ରଥ, ଏସ୍‌ଓଜି କମାଣ୍ଡାଣ୍ଟ ଆଶିଷ କୁମାର, ଡାକ୍ତର ରତିକାନ୍ତ ଖଟୁଆ ଉପସ୍ଥିତ ଥିଲେ। ଶିବିରରୁ ୮୦ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। କୋରାପୁଟ ବ୍ଲଡ୍‌ବ୍ୟାଙ୍କ କର୍ମଚାରୀ ଏଥିରେ ସହାୟତା ଦେଇଥିଲେ।

# ଟ୍ରାକ୍ଟର ଚଢ଼ିଗଲା, ଯୁବକ ମୃତ

- ପାରିପାର୍ଶ୍ୱିକ ସ୍ଥିତିରୁ ହତ୍ୟା ସନ୍ଦେହ
- କ୍ଷତିପୂରଣ ଦାବିରେ ଉଠିଲାନି ମୃତଦେହ

ଜୟପୁର,୨୧୧(ନି.ପ୍ର./ଡି.ଏନ୍.ଏ.)

ଜୟପୁର ସଦର ଥାନା ଅନ୍ତର୍ଗତ ବାୟାଗୁଡ଼ା ଗ୍ରାମରେ ଟ୍ରାକ୍ଟର ଚାପାରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ସେ ହେଲେ ଅନ୍ତା ଗ୍ରାମର ଲଛମନ କୁଳଦିପ (୩୦)। ଘରେ ତାଙ୍କର ଛୋଟ ୨ ଝିଅ ଓ ୨ ପୁଅ ଅଛନ୍ତି। ଗ୍ରାମବାସୀ ଓ ପରିବାର ଲୋକେ କ୍ଷତିପୂରଣ ଦାବି ନେଇ ମୃତଦେହ ଉଠାଇବାକୁ ଦେଇ ନଥିଲେ। ଏନେଇ ଚାପା ଉତ୍ତେଜନା ଲାଗି ରହିଛି।

ସୂଚନା ଅନୁଯାୟୀ, ବୁଧବାର ବାୟାଗୁଡ଼ା ସ୍ଥିତ ଜମିରେ କାମ କରିସାରି ସେ ବିଶ୍ରାମ ନେଉଥିବା ବେଳେ ଗୋଟିଏ ଟ୍ରାକ୍ଟର ଦ୍ରୁତଗତିରେ ଆସି ତାଙ୍କ ଉପରେ ଚଢ଼ିଯାଇଥିଲା। ସଦର ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ପୋଲିସ ଏହାକୁ ଦୁର୍ଘଟଣା ବୋଲି କହୁଥିବା ବେଳେ ପାରିପାର୍ଶ୍ୱିକ ସ୍ଥିତିରୁ ଏହା ଏକ ହତ୍ୟାକାଣ୍ଡ ବୋଲି ଅନୁମାନ କରାଯାଉଛି। ବାୟାଗୁଡ଼ା ରାସ୍ତା ଜାତୀୟ ରାଜପଥ ନୁହେଁ, ଗାଁ ରାସ୍ତା ହୋଇଥିବା ବେଳେ ଟ୍ରାକ୍ଟର ଏତେ ଦ୍ରୁତଗତିରେ ଆସିବାର କାରଣ ତଦନ୍ତସାପେକ୍ଷ। ଲଛମନଙ୍କ ମୁଣ୍ଡ ଉପରେ ହିଁ ଟ୍ରାକ୍ଟର ମାଡ଼ିଯାଇଥିବା ବେଳେ ଦେହରେ କିଛି କ୍ଷତଚିହ୍ନ ନାହିଁ। ଦୁର୍ଘଟଣା ଘଟାଇ ଟ୍ରାକ୍ଟର ଡ୍ରାଇଭର ଘଟଣାସ୍ଥଳରୁ ଚମ୍ପଟ ମାରିଛି। ଜିଲା ପୋଲିସ ଏହାକୁ ଦୁର୍ଘଟଣା ଭାବି ଚୁପ୍ ନବସି ଘଟଣାର ସତ୍ୟାସତ୍ୟ ଅନୁଧ୍ୟାନ କରିବାକୁ ମତ ପ୍ରକାଶ ପାଇଛି। ଏ ସମ୍ପର୍କରେ ସଦର ଥାନା ଅଧିକାରୀ କୈଳାସ ସେଠୀ କହିଛନ୍ତି, ମୃତ ଯୁବକଙ୍କ ନାଁରେ ଅପରାଧିକ ମାମଲା ରହିଛି।

## ପାଉଁଶ ହୋଇଗଲା ୮ ଗଦା ଧାନ

ସେମିଳିଗୁଡ଼ା,୨୧୧(ସ୍ୱ.ପ୍ର.)

ସେମିଳିଗୁଡ଼ା ବ୍ଲକ୍ ପାଖଜଲା ପଞ୍ଚାୟତ ଅଲିଗାଁ ଗ୍ରାମରେ ୮ଟି ଧାନ ଗଦାରେ ନିଆଁଲାଗି ପୋଡ଼ିଯାଇଛି। ସ୍ଥାନୀୟ ସରପଞ୍ଚ ଖବର ପାଇ ସେମିଳିଗୁଡ଼ା ଅଗ୍ନିଶମ ବିଭାଗରେ ସୂଚନା ଦେଇଥିଲେ। ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ପରେ ସେମିଳିଗୁଡ଼ା ତହସିଲଦାରଙ୍କ ନିର୍ଦ୍ଦେଶକ୍ରମେ ଆର୍‌ଆଇ ଘଟଣାର ଅନୁଧ୍ୟାନ କରି କ୍ଷୟକ୍ଷତି ଆକଳନ କରିଛନ୍ତି। ବର୍ଷକର ଫସଲ ପାଉଁଶ ହୋଇଯାଇଥିବାରୁ ଚାଷୀମାନେ ମୁଣ୍ଡରେ ହାତ ଦେଇଛନ୍ତି। ୧୦ ଏକର ଧାନ ଫସଲ ନଷ୍ଟ ହୋଇଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। କ୍ଷତିପୂରଣ ପାଇଁ ସେମାନେ ପ୍ରଶାସନ ନିକଟରେ ଦାବି କରିଛନ୍ତି। ବନ୍ଧୁ ଜାନି, ରାମଚନ୍ଦ୍ର ଜାନି, ଧନିଆ ଜାନି, ଜଗବନ୍ଧୁ ସିସା, ଲକ୍ଷ୍ମୀ ଜାନି, ଗୋବ୍ରୁ ଜୟପୁରିଆ, ଧନୁ ଜାନି, ଘାସିରାମ ଜୟପୁରିଆ ପ୍ରମୁଖ ଚାଷୀଙ୍କ ଧାନ ଫସଲ ପୋଡିଯାଇଛି।

## କୋରାପୁଟ ଟାଉନ ଥାନା ପୋଲିସକୁ ସଫଳତା

# ଲୁଟ୍, ଚୋରି ମାମଲାରେ ୫ ଗିରଫ

କୋରାପୁଟ,୨୧୧(ସ୍ୱ.ପ୍ର.)

କୋରାପୁଟ ଟାଉନ ପୋଲିସକୁ ବଡ଼ ସଫଳତା ମିଳିଛି। ବିଭିନ୍ନ ଲୁଟ୍ ଓ ଚୋରି ମାମଲାରେ ଜଡ଼ିତ ୫ ଜଣଙ୍କୁ ମଙ୍ଗଳବାର ବିଳମ୍ବିତ ରାତିରେ ଗିରଫ କରାଯିବା ସହ ବୁଧବାର କୋର୍ଟ ଚାଲାଣ କରାଯାଇଛି। ସେମାନଙ୍କ ମଧ୍ୟରେ ଜଣେ ନାବାଳକ ଥିବାବେଳେ ତାଙ୍କୁ ଜୁଭେନାଲ କୋର୍ଟ ପଠାଯାଇଛି।

ସୂଚନା ଅନୁଯାୟୀ, ଉପରୋକ୍ତ ଗ୍ୟାଙ୍ଗ ଲୁଟ୍ ଯୋଜନା କରୁଥିବା ଖବର ପାଇ ମଙ୍ଗଳବାର ବିଳମ୍ବିତ ରାତିରେ ଚଢ଼ାଉ କରିଥିଲା ଟାଉନ ଥାନା ପୋଲିସ। ସେଠାରୁ ବୁଦୁରା ଗୌଡ଼ (୩୦), ନରେନ୍ଦ୍ର ଗୌଡ଼ (୨୫), ଧନୁର୍ଜୟ ଗୌଡ଼ (୧୯), କାର୍ତ୍ତିକ ଗୌଡ଼ (୨୦) ଏବଂ ନବମ ଶ୍ରେଣୀର ଜଣେ ଛାତ୍ରଙ୍କୁ ଗିରଫ କରାଯାଇଥିଲା। ସେମାନଙ୍କଠାରୁ ବହୁ ଚୋରି ସାମଗ୍ରୀ ଜବତ ହୋଇଛି। ସମସ୍ତେ କୋରାପୁଟ ଟାଉନ ପୋଲିସ ଥାନା ଅଧୀନ ଗୌଡ଼ଗୁଡ଼ା ଗ୍ରାମର। ପୂର୍ବରୁ ଏମାନଙ୍କ ନାଁରେ ଟାଉନ ଥାନାରେ ୮୩/୧୮, ୨୬୨/୧୮, ୨୬୯/୧୮ରେ ୩ଟି ମାମଲା ଥିବାବେଳେ ବର୍ତ୍ତମାନ ୧/୧୯, ୨/୧୯ ନମ୍ବରରେ ୨ଟି ମାମଲା ଓ ଧାରା ୪୫୭, ଆଇପିସି ୩୮୦ ଦଫା ରୁଜୁ ହୋଇଛି। ଏମାନେ କୋରାପୁଟ ସହରର ହାଟପଦା, ବସ୍‌ଷ୍ଟାଣ୍ଡ, ପୁଚିଳାସାହି, ଇନ୍ଦିରା କଲୋନୀର ବିଭିନ୍ନ ମୋବାଇଲ ଦୋକାନ ସଟର କାଟି ଓ କାନ୍ଥ ଖୋଳି ଲକ୍ଷାଧିକ ଟଙ୍କାର ମୋବାଇଲ ଓ ଅନ୍ୟ ସାମଗ୍ରୀ ଲୁଟ୍ କରିଛନ୍ତି। ସେହିପରି ବୁଧବାର ଭବାନିପାଟଣାରୁ କୋରାପୁଟ ଆସୁଥିବା ଜଣେ ମାଛ ବ୍ୟବସାୟୀଙ୍କଠାରୁ ୮୦ ହଜାର ଟଙ୍କା ଲୁଟ୍ ଘଟଣାରେ କୋରାପୁଟ ଟାଉନ ପୋଲିସ ବୁଦୁ ଖିଲ (୨୬)ଙ୍କୁ ଗିରଫ କରିଛି। କେସ୍ ନଂ ୩/୧୯ରେ ଏକ ମାମଲା ରୁଜୁକରି ଧାରା ୩୯୨ରେ ତାଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଟାଉନ ଥାନା ଅଧିକାରୀ କ୍ଷୀରେଶ୍ୱର ସାହୁ କହିଛନ୍ତି।

# ରାଜସ୍ୱ ଅମଲା ସଂଘ ନୂତନ କର୍ମକର୍ତ୍ତା

କୋରାପୁଟ,୨୧୧(ସ୍ୱ.ପ୍ର.)

ରାଜସ୍ୱ କର୍ମଚାରୀ ସଂଘ ଜିଲା ଶାଖାର ନୂତନ କର୍ମକର୍ତ୍ତା ନିର୍ବାଚିତ ହୋଇଛନ୍ତି। ଜିଲା ଶାଖା ସଭାପତି ଭାବେ ମନୋଜ ବାରିକ, ଉପସଭାପତି ଅମିତ ସୁବୁଦ୍ଧି, ସଂପାଦକ ନିତ୍ୟାନନ୍ଦ ଭତ୍ରା, ଯୁଗ୍ମ ସଂପାଦକ ଯୋଗେଶ୍ୱର ବେହେରା, କୋଷାଧ୍ୟକ୍ଷ ଜିତେନ୍ଦ୍ର ହନ୍ତାଳ ନିର୍ବାଚିତ ହୋଇଛନ୍ତି। ବୁଧବାର ସ୍ଥାନୀୟ ଅମଲା କୁଟିରରେ ଆୟୋଜିତ ଶପଥଗ୍ରହଣ ଉତ୍ସବରେ ପ୍ରଶାସିକା ତୁଳିଆମ ପ୍ରଧାନ ଉପସ୍ଥିତ ରହି ନିର୍ବାଚିତ କର୍ମକର୍ତ୍ତାଙ୍କୁ ଶପଥପାଠ କରାଇଥିଲେ। ସାଧାରଣ ପ୍ରଶାସନ ବିଭାଗ ଆଦେଶନାମା ସଂଖ୍ୟା ୩୭୮୩୫ ତା ୨୯-୧୨-୨୦୧୮ ପ୍ରକାରେ ଜିଲାସ୍ତରୀୟ ରାଜସ୍ୱ ଅମଲାଙ୍କ କ୍ୟାଡର ପୁନର୍ବିନ୍ୟାସ ସହ ପଦବୀର ନାମ ପରିବର୍ତ୍ତନ କରାଯାଇଛି। କନିଷ୍ଠ କିରାଣି ବଦଳରେ କନିଷ୍ଠ ରାଜସ୍ୱ ଆସିଷ୍ଟାଣ୍ଟ, ବରିଷ୍ଠ କିରାଣି ପରିବର୍ତ୍ତେ ବରିଷ୍ଠ ରାଜସ୍ୱ ଆସିଷ୍ଟାଣ୍ଟ କରାଯାଇଛି।

# କୋଟପାଡ଼ କଂଗ୍ରେସର ନୂଆବର୍ଷ ଭେଟ୍‌ଘାଟ୍

ଚାନ୍ଦିଲି(କୋଟପାଡ଼),୨୧୧(ଡି.ଏନ୍.ଏ.)

କୋଟପାଡ଼ କଂଗ୍ରେସ ନେତା ଏବଂ କର୍ମୀଙ୍କ ନୂଆବର୍ଷ ଭେଟ୍‌ଘାଟ୍ ଜାତୀୟ ରାଜପଥ ଡାକବଙ୍ଗଳାରେ ଅନୁଷ୍ଠିତ ହୋଇଛି। ଜିଲା ପରିଷଦ ଜୋନ ସଭାପତି ପ୍ରକାଶ ମହାନ୍ତିଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ୧୭ଟି ପଞ୍ଚାୟତ ଏବଂ ଏନ୍‌ଏସି ସରପଞ୍ଚ, ସମିତି ସଭ୍ୟ, କାଉନସିଲରଙ୍କ ସହିତ ପ୍ରମୁଖ ନେତା ଏବଂ କର୍ମୀ ଯୋଗଦେଇ ଥିଲେ। ଏଥିରେ ବିଧାୟକ ଚନ୍ଦ୍ରଶେଖର ମାଝି, ଦୁର୍ଗାଶଙ୍କର ସାହୁ, ଉପସଭାପତି ମନୋହର ବିଷୋଇ, ମଣିପ୍ରସାଦ ପଟ୍ଟନାୟକ, ପୂର୍ବତନ ନଗରପାଳ ଏମ୍ ଶଙ୍କର ରାଓ,ଉପାଧ୍ୟକ୍ଷ ବାପୁନ ତ୍ରିପାଠୀ, ବ୍ଲକ୍ ଅଧ୍ୟକ୍ଷ ବୈଦ୍ୟନାଥ ପୂଜାରୀ, ଜିତେନ୍ଦ୍ରନାଥ ମହାପାତ୍ର, ରାଜେନ୍ଦ୍ରପ୍ରସାଦ ନାୟକ, ମହମ୍ମଦ ସଲିମ୍ ପ୍ରମୁଖ ସାମିଲ ଥିଲେ। ଏହି କାର୍ଯ୍ୟକ୍ରମରେ ସରକାରଙ୍କ ପିଠା ଯୋଜନାକୁ ସମାଲୋଚନା କରାଯାଇଛି। କର୍ମୀମାନେ ଲୋକଙ୍କ ସହ ରହି କାମ କରିବାକୁ ପରାମର୍ଶ ଦିଆଯାଇଛି।



ଭେଟଘାଟ୍‌ରେ ସାମିଲ ହୋଇଥିବା କଂଗ୍ରେସର ନେତା ଓ କର୍ମୀ।

## ଷ୍ଟ୍ରିଟ ବିଦ୍ୟୁତୀକରଣ ପାଇଁ ତ୍ରିପାକ୍ଷିକ ଚୁକ୍ତି

ଜୟପୁର,୨୧୧(ଡି.ଏନ୍.ଏ.): ଜୟପୁର ପୌରାଞ୍ଚଳର ସ୍ୱୀକୃତି ଅନୁଯାୟୀ ନୂତନ ଗୃହ ନିର୍ମାଣ ଓ ପ୍ଲଟିଂ କରାଯାଇ ବିଭିନ୍ନ ସ୍ଥାନରେ ବିଦ୍ୟୁତ ଖୁଣ୍ଟ ଏବଂ ଆଲୋକ ବ୍ୟବସ୍ଥା କରାଯିବ। ଏନେଇ ଏକ ଘରୋଇ କମ୍ପାନୀ ସହ ପୌରସଂସ୍ଥା ଓ ରାଜ୍ୟ ସରକାରଙ୍କ ମଧ୍ୟରେ ତ୍ରିପାକ୍ଷିକ ଚୁକ୍ତିନାମା ହୋଇଛି। ଏହି ଅନୁଯାୟୀ ଉକ୍ତ ସଂସ୍ଥା ପକ୍ଷରୁ ପ୍ରଥମ ପର୍ଯ୍ୟାୟରେ ଜୟପୁର ସହରରେ ସର୍ଭେ କରାଯାଇ ବିଦ୍ୟୁତ ଖୁଣ୍ଟ ଓ ଆଲୋକ ବ୍ୟବସ୍ଥା ପାଇଁ ଏକ ରିପୋର୍ଟ ପ୍ରସ୍ତୁତ କରାଯିବ। ଏହାପରେ ଏକ ବଜେଟ ଅଟକଳ କରାଯିବା ପରେ କାର୍ଯ୍ୟ ଆରମ୍ଭ ହେବ। ବିଦ୍ୟୁତ ଖୁଣ୍ଟ ଓ ଆଲୋକର ରକ୍ଷଣାବେକ୍ଷଣ ଦାୟିତ୍ୱ ସେହି ସଂସ୍ଥା କରିବ। ଗତ ୨୯ ତାରିଖ ଭୁବନେଶ୍ୱରରେ ଏହି ଚୁକ୍ତିନାମା ହୋଇଥିବା ଜୟପୁର ପୌର ନିର୍ବାହୀ ଅଧିକାରୀ ସଞ୍ଜୟ ଆଚାର୍ଯ୍ୟ କହିଛନ୍ତି।

## ଗଭୀର ନଳକୂପ ସେଚ କାର୍ଯ୍ୟକ୍ରମ ଫେଲ୍

# ଆବେଦନର ୧୦ ମାସ ହେଲାଣି, ମଞ୍ଜୁର ହେଉନି

ଜୟପୁର,୨୧୧(ଡି.ଏନ୍.ଏ.)

ଚାଷଜମି ଓ ବଗିଚାକୁ ଆବଶ୍ୟକ ଜଳ ଯୋଗାଣ ପାଇଁ ସରକାର ଗଭୀର ନଳକୂପ ଖନନ ଯୋଜନାରେ ଯୋଗ୍ୟ ବିବେଚିତ ଚାଷୀଙ୍କୁ ସାମିଲ କରୁଛନ୍ତି। ଏଥିପାଇଁ ୯୦ ପ୍ରତିଶତ ଋଣ ଛାଡ ମଧ୍ୟ କରୁଛନ୍ତି। କିନ୍ତୁ ଏହି ଯୋଜନାର ସୁବିଧା ନେବା ପାଇଁ ଚାଷୀମାନେ ଆବେଦନ କରିବା ପରେ ମଧ୍ୟ ଉପକୃତ ହୋଇପାରୁ ନାହାନ୍ତି।

୨୦୧୭-୧୮ରେ ଜିଲାର ୨୫୦୬ ଜଣ ଚାଷୀ ନିୟମ ଅନୁଯାୟୀ ଗ୍ଲୋବାଲ ଅନଲାଇନ ମାଧ୍ୟମରେ ଉଠା ଜଳସେଚନ ବିଭାଗରେ ଆବେଦନ କରିଥିଲେ। ଏହାର ଅନ୍ତିମ ଦିବସ ୨୦୧୮ ମାର୍ଚ୍ଚ ୩୧ ଥିଲା। ଯୋଜନାର ସୁବିଧା ପାଇବା ଆଶାରେ କୋରାପୁଟ ବ୍ଲକରେ ୧୮୯, ସେମିଳିଗୁଡ଼ା ୮୫, ନନ୍ଦପୁର ୮୬, ପଟ୍ଟାଙ୍ଗି ୧୨୯, ଲକ୍ଷ୍ମୀପୁର ୧୦୧, ଦଶମନ୍ତପୁର ୭୨, ନାରାୟଣପାଟଣା ୨୦୨, ବନ୍ଧୁଗାଁ ୪୩୯, ଜୟପୁର ୪୮, ଲମତାପୁଟ ୨୪୪, ବୈପାରୀଗୁଡ଼ା ୨୨୩, କୁନ୍ଦୁରା ୨୬୪, ବୋରିଗୁମ୍ମା ୪୦୪ ଓ କୋଟପାଡ଼ରୁ ୭୦ ଜଣ ଚାଷୀ ଆବେଦନ କରିଛନ୍ତି। କୋରାପୁଟ ଜିଲା ଜୟପୁର ଉପଖଣ୍ଡରେ ଜୟପୁର, କୋଟପାଡ଼ ଏବଂ କୁନ୍ଦୁରା ଓ ବୋରିଗୁମ୍ମାର କିଛିକାଂଶ ଚାଷଜମିରେ କୋଲାବ ବହୁମୁଖୀ ପ୍ରକଳ୍ପର ଜଳ କେନାଲ ଦ୍ୱାରା ଛଡ଼ାଯାଇଥାଏ। କିନ୍ତୁ କୋରାପୁଟ ଉପଖଣ୍ଡରେ ଅଧିକ ମାତ୍ରାରେ ପନିପରିବା ଚାଷ ହେଉଛି। ଏଥିପାଇଁ ଏଠିକାର ଅନେକ ଚାଷୀ ଆବେଦନ କରୁଥିବା ବେଳେ ବିଭାଗର ଦିଶାହୀନ କାର୍ଯ୍ୟ ଯୋଗୁଁ ଯୋଜନାର ସୁଫଳ ପାଇପାରୁ ନାହାନ୍ତି। ସେହିପରି ଉଠା ଜଳସେଚନ ବିଭାଗ ପରିଚାଳନା ନିର୍ଦ୍ଦେଶକଙ୍କ ବାରମ୍ବାର ବଦଳି ଯୋଗୁଁ ଚୟନ ପ୍ରକ୍ରିୟାରେ ବାଧା ସୃଷ୍ଟି ହେଉ କେତେକ ଆବେଦନକାରୀ ଅଭିଯୋଗ କରିଛନ୍ତି। ଏହି ଯୋଜନାରେ ସାଧାରଣ ବର୍ଗର ଚାଷୀ ୨୦ ହଜାର ଏବଂ ଅନୁସୂଚିତ ଜାତି ଓ ଜନଜାତି ବର୍ଗର ଚାଷୀ ୧୦ ହଜାର ଟଙ୍କା ଜମାନତ ରାଶି ଦେଇ ଆବେଦନ କରନ୍ତି। ଏଥିରେ ନଳକୂପ ଖୋଳା, ପାଣି ମଟର ପ୍ରଦାନ ଏବଂ ବିଦ୍ୟୁତ ସଂଯୋଗ ପାଇଁ ହେଉଥିବା ଖର୍ଚ୍ଚର ୯୦ ପ୍ରତିଶତ ଛାଡ ଦିଆଯାଉଥିବା ବେଳେ ଚାଷୀ କେବଳ ୧୦ ପ୍ରତିଶତ ଟଙ୍କା ଦେଇଥାଆନ୍ତି। ଗୋଟିଏ କ୍ଲଷ୍ଟରରେ ୪ଜଣ ଚାଷୀଙ୍କୁ ୪ଟି ନଳକୂପ ଦିଆଯାଇଥାଏ। ଏନେଇ ଦାୟିତ୍ୱରେ ଥିବା ଉଠା ଜଳସେଚନ ବିଭାଗ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ରମେଶ ଚନ୍ଦ୍ର ପାତ୍ରଙ୍କୁ ଯୋଗାଯୋଗ କରିବାରୁ ସେ କହିଥିଲେ, ଗ୍ଲୋବାଲ ଅନଲାଇନରେ ଆବେଦନ କରାଯାଇଛି। ଅତିଶୀଘ୍ର ମଞ୍ଜୁର ହେବା ସହ ଚୟନ କରାଯିବ।






Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor-Tathagata Satpathy, ସମ୍ପାଦକ –ତଥାଗତ ସତପଥୀ

**ସଂକ୍ଷେପରେ**

## ତାରାତାରିଣୀ ପୀଠର ବିକାଶ ଦାବି

**ପାରଳାଖେମୁଣ୍ଡି, ୨।୧(ସ୍ୱ.ପ୍ର.):** ଗଜପତି ଜିଲା ଗୁମ୍ମା ବ୍ଲକର ସେରଙ୍ଗ ଗ୍ରାମ ନିକଟ ଘାଟି ଉପରେ ଥିବା ତାରାତାରିଣୀ ପୀଠର ବିକାଶ ନିମନ୍ତେ ଦାବି ହେଉଛି। ଏ ନେଇ ଏହି ପୀଠରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଗୁମ୍ମା ତହସିଲଦାର କଳାକୃଷ୍ଣ ପ୍ରଧାନ ଯୋଗଦେଇ ପୀଠର ବିକାଶ ସମ୍ପର୍କରେ ବିଡିଓଙ୍କ ସହ ଆଲୋଚନା କରିବେ ବୋଲି କହିଥିଲେ। ଏନ୍.ୟୁ.ଜେ(ଆଇ) ଗୁମ୍ମା ବ୍ଲକ ସଂଘ ସଭାପତି ଈଶ୍ୱର ବିଶୋୟୀ ଯୋଗଦେଇ ସଭାପତିତ୍ୱ କରି ତାରାତାରିଣୀ ପୀଠ ଓ ଏହା ପାର୍ଶ୍ୱସ୍ଥ ପ୍ରାକୃତିକ ସୌନ୍ଦର୍ଯ୍ୟଭରା ଅଞ୍ଚଳର ବିକାଶ କରାଯାଇପାରିଲେ ଏହା ଏକ ରାଜ୍ୟସ୍ତରୀୟ ପର୍ଯ୍ୟଟନସ୍ଥଳୀ ଭାବେ ମାନ୍ୟତା ପାଇପାରନ୍ତା ବୋଲି କହିଥିଲେ। ପରେ ପୀଠର ଉନ୍ନତି ନେଇ ରାଣୀପେଣ୍ଠସ୍ଥିତ ବିଧାୟକ କେ.ସୂରିୟା ରାଓଙ୍କ ବାସଭବନରେ ମଧ ଆଲୋଚନା କରାଯାଇଥିଲା। ସେ ପଦକ୍ଷେପ ନେବାକୁ ପ୍ରତିଶ୍ରୁତି ଦେଇଥିଲେ। ବୈଠକରେ ସଂଘ ସଭାପତି ଗରୁଡଧ୍ୱଜ ଚୌଧୁରୀ, ସାଧାରଣ ସମ୍ପାଦକ ତାରିଣୀ ପ୍ରସାଦ ପଣ୍ଡା, ଗଣେଶ ରାଜୁ, କୃଷ୍ଣ ବେହେରା, କୁଞ୍ଜବିହାରୀ ବଡକୁମର ଉପସ୍ଥିତ ଥିଲେ।

■ ପାନୀୟଜଳ ଯୋଗାଣରେ ଅବ୍ୟବସ୍ଥା

# ପ୍ରଶାସନର ଦ୍ୱାରସ୍ଥ ହେଲେ ୨ ୱାର୍ଡ ବାସିନ୍ଦା

**ପାରଳାଖେମୁଣ୍ଡି, ୨।୧(ସ୍ୱ.ପ୍ର.)**

ଗଜପତି ଜିଲା ପାରଳାଖେମୁଣ୍ଡି ପୌରାଞ୍ଚଳ ଅଧୀନ ୧ନମ୍ବର ୱାର୍ଡର ରେଲିପାପୁଡୁ ସାହି ଏବଂ ୧୨ନମ୍ବର ୱାର୍ଡର କଣ୍ଡରାସାହିରେ ପାନୀୟଜଳ ଯୋଗାଣରେ ଅବ୍ୟବସ୍ଥା ଅଭିଯୋଗ ନେଇ ୱାର୍ଡବାସିନ୍ଦା ଏକାଠି ବୁଧବାର ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଏ ସଂକ୍ରାନ୍ତରେ ଜିଲା ପ୍ରଶାସନ ଉଦ୍ଦେଶ୍ୟରେ ଏକ ଅଭିଯୋଗ ପତ୍ର ପ୍ରଦାନ କରିଛନ୍ତି। ସେଥିରେ ଦର୍ଶାଇଛନ୍ତି ଯେ, ଗତ ୩ବର୍ଷ ହେବ ସେମାନଙ୍କର ଗୃହ ପାଇପ ଲାଇନଗୁଡ଼ିକ ନଷ୍ଟ ହୋଇଗଲାଣି। ଫଳରେ ପାଣି ଆସିବାରେ ସମସ୍ୟା ଉପୁଜୁଛି । ତୁରନ୍ତ ନୂତନ ପାଇପଲାଇନ ବସାଇବାକୁ ସେମାନେ ଦାବି ଜଣାଇଛନ୍ତି। ନଚେତ ଆଗାମୀ ଦିନରେ ଆହୁରି ହଇରାଣ ହେବେ। ସେହିପରି ଉକ୍ତ ୱାର୍ଡ ଦ୍ୱୟର ରାସ୍ତାକଡରେ ଥିବା ଡ୍ରେନ୍ ନଷ୍ଟ ହୋଇପଡିଛି। ଏଥିଯୋଗୁ ଏହି ଅଞ୍ଚଳରେ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଉଛି। ଏ ନେଇ ସେମାନେ ଜନସ୍ୱାସ୍ଥ୍ୟ ବିଭାଗର ସହକାରୀ ଯନ୍ତ୍ରୀ ସ୍ୱାଗତ କୁମାର ନାୟକଙ୍କୁ ଜଣାଇବାରୁ ସେ ଆଗାମୀ ଏକ ସପ୍ତାହ ମଧ୍ୟରେ ପାନୀୟଜଳର ବ୍ୟବସ୍ଥା କରାଇବାକୁ ପ୍ରତିଶ୍ରୁତି ଦେଇଛନ୍ତି। ନାଳନର୍ଦ୍ଦମା ସଫେଇ ପାଇଁ ପଦକ୍ଷେପ ନେବାକୁ ପୌର ନିର୍ବାହୀ ଅଧିକାରୀ ଅଶୋକ କୁମାର ରାଉତଙ୍କୁ ମଧ ଲିଖିତ ଭାବେ ଅଭିଯୋଗ କରିଛନ୍ତି। ତୁରନ୍ତ ସମସ୍ତ ସମସ୍ୟା ଦୂର ନହେଲେ ଆଗାମୀ ଦିନରେ ଅଞ୍ଚଳବାସୀଙ୍କ ପକ୍ଷରୁ ଆନ୍ଦୋଳନ କରାଯିବ ବୋଲି ଦୋଳାନନ୍ଦ ଗୋୟା, ଗୋରାଚାନ୍ଦ ସ୍ୱାଇଁ, ରଜନୀ ସ୍ୱାଇଁ, ଲାବଣ୍ୟା ଜେନା, ଭାସ୍କର ଆଙ୍କୁଲ, ସରସ୍ୱତୀ ସାହୁ, ଆର୍.ଲୋକେଶ୍ୱରୀ ପ୍ରମୁଖ କହିଛନ୍ତି।



ଅଭିଯୋଗ ଜଣାଇବାକୁ ଆସିଥିବା ୱାର୍ଡବାସିନ୍ଦା।



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ।

## ଦିବ୍ୟାଙ୍ଗ ପିଲାଙ୍କ ଅନ୍ତର୍ନିହିତ ଗୁଣର ବିକାଶ ଉପରେ ଗୁରୁତ୍ୱ

**ପାରଳାଖେମୁଣ୍ଡି, ୨।୧(ସ୍ୱ.ପ୍ର.)**

ଗଜପତି ଜିଲା ପାରଳାଖେମୁଣ୍ଡି ସହର ଉପକଣ୍ଠ ରାଣୀପେଣ୍ଠସ୍ଥିତ ମାନସିକ ଅନଗ୍ରସର ଅନୁଷ୍ଠାନ 'ନିୟତି' ପକ୍ଷରୁ ନବବର୍ଷ ଅବସରରେ ଦିବ୍ୟାଙ୍ଗ ପିଲାଙ୍କ ପାଇଁ ଏକ କର୍ମଶାଳା ଓ ବନ ବିହାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପ୍ରାରମ୍ଭରେ ନିୟତି ଅନୁଷ୍ଠାନର ସମ୍ପାଦକ ବିଚିତ୍ରାନନ୍ଦ ବେବର୍ତ୍ତା ସ୍ୱାଗତ ଭାଷଣ ଦେଇ ସମାଜର ମୁଖ୍ୟସ୍ରୋତରେ ଦିବ୍ୟାଙ୍ଗମାନଙ୍କୁ ସାମିଲ କରିବା ପାଇଁ ଆହ୍ୱାନ ଦେଇଥିଲେ। ଦିବ୍ୟାଙ୍ଗମାନେ କିପରି ନିଜର ଅନ୍ତର୍ନିହିତ ଗୁଣକୁ ବିକଶିତ କରି ମୁଖ୍ୟସ୍ରୋତରେ ସାମିଲ ହେବେ ଓ ଆର୍ଥିକ ମାନଦଣ୍ଡ ସୁଦୃଢ କରିପାରିବେ ସେନେଇ ଆଲୋଚନା ହୋଇଥିଲା। ଦିବ୍ୟାଙ୍ଗ ପିଲାଙ୍କ ନିମନ୍ତେ ଫିଜିଓଥେରାପି ତାଲିମ ଓ ସେମାନଙ୍କ ଚିକିତ୍ସା ଅତ୍ୟନ୍ତ ଜରୁରୀ ବୋଲି ମତ ପ୍ରକାଶ ପାଇଥିଲା। ଦିବ୍ୟାଙ୍ଗଙ୍କ ଅଭିଭାବକମାନେ ଏହାର ସୁବିଧା ନେବା ଲାଗି ସଚେତନ କରାଯାଇଥିଲା। ପିଲାମାନେ ବନ ବିହାର କରି ଭୋଜିଭାତର ମଜା ନେବା ସହ ନୃତ୍ୟ ସଙ୍ଗୀତ ପରିବେଷଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ସିସିଡି ସ୍ୱେଚ୍ଛାସେବୀ ଅନୁଷ୍ଠାନର ନିର୍ଦ୍ଦେଶକ ଏ.ଜଗନ୍ନାଥ ରାଜୁ, ଅଧ୍ୟାପିକା କଲ୍ୟାଣୀ ମିଶ୍ର, ଅଧ୍ୟାପକ ଡାକ୍ତର ମୁର୍ମୁ, ପ୍ରଫୁଲ୍ଲ ପଣ୍ଡା, ସୁବାସ ପଣ୍ଡା, ଭାରତ ଭୂଷଣ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ ।

■ ଧାନ ଅମଳ ମେଶିନ ଓଲଟିଲା

## ଚାପିହୋଇ ୩ ମହିଳା ଶ୍ରମିକ ଗୁରୁତର

**ପାରଳାଖେମୁଣ୍ଡି, ୨।୧(ସ୍ୱ.ପ୍ର.)**

ଗଜପତି ଜିଲା ପାରଳାଖେମୁଣ୍ଡି ସହର ଉପକଣ୍ଠ ରାଣୀପେଣ୍ଠ ଗ୍ରାମରେ ବୁଧବାର ଏକ ଧାନ ଅମଳ ମେଶିନ ଓଲଟି ପଡ଼ିବାରୁ ୩ଜଣ ମହିଳା ଶ୍ରମିକ ଚାପିହୋଇ ଗୁରୁତର ଆହତ ହୋଇଛନ୍ତି। ସେମାନେ ହେଲେ ରାଣୀପେଣ୍ଠ ଗ୍ରାମର ଏଲ୍.ଅନୁରାଧା (୩୬), କେ.କାଲା (୩୮) ଏବଂ କେ.ହେମଲତା (୩୪)। ସୂଚନା ଅନୁଯାୟୀ, ରାଣୀପେଣ୍ଠ ଗ୍ରାମରେ ଉକ୍ତ ୩ଜଣ ମହିଳା ଶ୍ରମିକ କାମ ସାରି ଗୋଟିଏ ଧାନ ଅମଳ ମେଶିନ ଉପରେ ବସି ଫେରୁଥିଲେ। ଏହି ସମୟରେ କୌଣସି କାରଣରୁ ମେଶିନର ଚକା ଦବିଯାଇ ଓଲଟି ପଡିଥିଲା । ଫଳରେ ସେମାନେ ମେଶିନ ତଳେ ରହି ଚାପି ହୋଇଯାଇଥିଲେ। ସେମାନଙ୍କୁ ସ୍ଥାନୀୟ ବାସିନ୍ଦା ଉଦ୍ଧାର କରି ପାରଳାଖେମୁଣ୍ଡିସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ। ତେବେ ଅବସ୍ଥା ଗୁରୁତର ଥିବାରୁ ଏଠାରେ ପ୍ରାଥମିକ ଚିକିତ୍ସା ପରେ ବ୍ରହ୍ମପୁରସ୍ଥିତ ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଏହି ଖବର ପାଇ ପାରଳାଖେମୁଣ୍ଡି ବିଧାୟକ କେ.ସୂରିୟା ରାଓ, ଜିଲା କଂଗ୍ରେସ କାର୍ଯ୍ୟକାରୀ ସଭାପତି ଜି.ତିରୁପତି ରାଓ, କଂଗ୍ରେସ ନେତା ତିରୁପତି ପାଣିଗ୍ରାହୀ ପ୍ରମୁଖ ଚିକିତ୍ସାଳୟକୁ ଯାଇ ଆହତମାନଙ୍କ ସ୍ୱାସ୍ଥ୍ୟବସ୍ଥା ସମ୍ପର୍କରେ ପଚାରି ବୁଝିଥିଲେ ।

## ହାଇୱା ଚକାତଳେ ପଡ଼ି ବାଇକ ଆରୋହୀ ମୃତ, ଡ୍ରାଇଭର ଗିରଫ

**ବୁଗୁଡ଼ା,୨।୧(ଡି.ଏନ.ଏ.)**

ବୁଗୁଡ଼ା ଥାନା କରଚୁଲି ନିକଟସ୍ଥ ପଥରବଣି ଛକଠାରେ ବୁଧବାର ହାଇୱା ଚକା ତଳେ ପଡ଼ି ଜଣେ ବାଇକ ଆରୋହୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଦିଗପହଣ୍ଡି ଥାନା ଚଷାନିମଖଣ୍ଡି ଗ୍ରାମର ଉତ୍ତମ ନାଥ (୨୩)। ବୁଗୁଡ଼ା ପୋଲିସ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଗାଡ଼ି ୨ଟିକୁ ଜବତ କରି ହାଇୱା ଡ୍ରାଇଭରଙ୍କୁ ଗିରଫ କରିଛି । ଗିରଫ ଡ୍ରାଇଭର ହେଲେ ଓଡ଼ଗାଁ ଥାନା ଧବଳେଇ ଗ୍ରାମର ବସନ୍ତ ସାନବଡ଼ । ଏ ନେଇ ବୁଗୁଡ଼ା ଥାନାରେ ନଂ.୧/୧୯ରେ ମାମଲା ରୁଜୁ ହୋଇଛି । ପ୍ରକାଶ ଯେ, ହାଇୱାଟି କରସିଙ୍ଗିରୁ ବୁଗୁଡ଼ାକୁ ଗୋଡ଼ି ନେବାକୁ ଆସୁଥିଲା। ସକାଳ ପ୍ରାୟ ୮ଟାରେ ଉତ୍ତମ ତାଙ୍କ ବାଇକ ନେଇ ଭାବସରରୁ କରସିଙ୍ଗି ଦେଇ ନୟାଗଡ଼ ଯାଉଥିଲେ। ପଥରବଣି ଛକଠାରେ ବାଇକଟି ବିପରୀତ ଦିଗରୁ ଆସୁଥିବା ହାଇୱା ସହ ମୁହାଁମୁହିଁ ଧକ୍କା ହୋଇଥିଲା। ବାଇକ ଆରୋହୀ ଉତ୍ତମ ହାଇୱା ଚକା ତଳେ ପଡ଼ିଥିଲେ। ତାଙ୍କ ଉପରେ ଚକା ମାଡ଼ି ଯିବାରୁ ଘଟଣାସ୍ଥଳରେ ଉତ୍ତମଙ୍କ ମୃତ୍ୟୁ ହୋଇଯାଇଥିଲା। ଖବରପାଇ ତହସିଲଦାର ସଂଗ୍ରାମ କେଶରୀ ଜେନା, ବୁଗୁଡ଼ା ପୋଲିସ ଏସଆଇ କାର୍ତ୍ତିକ ନାୟକ ଓ ଏଏସଆଇ ବାସୁଦେବ ସାହୁ ପହଞ୍ଚି ହାଇୱା ଓ ବାଇକକୁ ଜବତ କରିଛନ୍ତି। ହାଇୱା ଡ୍ରାଇଭରଙ୍କୁ ଗିରଫ କରାଯାଇଛି।

## ମିଥ୍ୟା ପ୍ରଲୋଭନରେ ପଡ଼ି ମହିଳା ସର୍ବସ୍ୱାନ୍ତ

**ଦିଗପହଣ୍ଡି,୨।୧(ଡି.ଏନ.ଏ.)**

ଦୁର୍ବୃତ୍ତଙ୍କ ମିଥ୍ୟା ପ୍ରଲୋଭନରେ ପଡି ଦିଗପହଣ୍ଡି ବ୍ଲକ ଭୀଷ୍ମଗିରି ପଞ୍ଚାୟତର ଜଣେ ମହିଳା ସର୍ବସ୍ୱାନ୍ତ ହୋଇଛନ୍ତି। ୩ଲକ୍ଷ ଟଙ୍କାର ଘରଭଙ୍ଗା କ୍ଷତିପୂରଣ ପାଇବା ପାଇଁ ମହିଳା ଜଣକ ଘରେ ଥିବା ସୁନା, ଟଙ୍କା ଦୁର୍ବୃତ୍ତଙ୍କୁ ଦେଇଥିବା ଅଭିଯୋଗ ହୋଇଛି। ପ୍ରକାଶ ଯେ, ବୁଧବାର ମଧ୍ୟାହ୍ନ ପ୍ରାୟ ଗୋଟାଏରେ ଏକାକୀ ରହୁଥିବା ମହିଳା ଖୁଦି ବେହେରା (୪୬)ଙ୍କ ନିକଟରେ ଜଣେ ଯୁବକ ପହଞ୍ଚି ମହିଳାଙ୍କ ଘରଭଙ୍ଗା କ୍ଷତିପୂରଣ ବାବଦକୁ ୩ଲକ୍ଷ ଟଙ୍କା ଆସିଥିବା ଜଣାଇଥିଲେ। ଏକ କାଗଜରେ ମହିଳାଙ୍କ ଟିପ ଚିହ୍ନ ନେଇ ଅଗ୍ରୀମ ୨୪ ହଜାର ଟଙ୍କା ଦେଲେ ଘଣ୍ଟାଏ ପରେ ବଡ଼ବାବୁ ପହଞ୍ଚି ୩ଲକ୍ଷ ଟଙ୍କା ଦେବେ ବୋଲି କହିଥିଲେ। ୩ଲକ୍ଷ ଟଙ୍କା ଲୋଭରେ ମହିଳା ଜଣକ ତାଙ୍କ ପାଖରେ ଥିବା ନଗଦ ୮ ହଜାର ଟଙ୍କା ସେହି ଅଜଣା ବ୍ୟକ୍ତିଙ୍କୁ ଦେବା ସହ ବଳକା ୧୬ ହଜାର ଟଙ୍କା ପାଇଁ ଗହଣା ପେଡ଼ିରେ ଥିବା ଦେଢ଼ତୋଳାରୁ ଊର୍ଦ୍ଧ୍ୱ ଓଜନର ସୁନା ଅଳଙ୍କାର ମଧ ଦେଇଥିଲେ। ଯୁବକଟି ବିଶ୍ୱାସ ଜନ୍ମାଇବାକୁ ମହିଳାଙ୍କୁ ଘରୁ କେଉଁଆଡ଼େ ନ ଯିବାକୁ କହିବା ସହ ବଡ଼ବାବୁଙ୍କ ପାଇଁ ଅଣ୍ଡାପାନୀୟ ରଖିବାକୁ ମଧ କହିଥିଲେ। ପରେ ସୁନା ଏବଂ ଟଙ୍କା ଧରି ଚମ୍ପଟ ମାରିଥିଲେ। କିଛି ସମୟ ପରେ ମହିଳା ଜଣକ ଠକାମିର ଶିକାର ହୋଇଥିବା ଜାଣି କାନ୍ଦବୋବାଳି ଛାଡ଼ିବା ପରେ ସାହିଲୋକେ ରୁଣ୍ଡ ହୋଇଥିଲେ। ଯୁବକଟି ଘରେ ପଶିବା ଓ ଫେରିବା ସମୟରେ ହେଲମେଟ ପିନ୍ଧିଥିବା ସହ ସେ ଆଣିଥିବା ବାଇକର କୌଣସି ନମ୍ବର ନଥିବାରୁ ତାଙ୍କର କୌଣସି ଟେର ମିଳିପାରିନାହିଁ।



